# ସ୍ଥାନୀୟ ଗାଡ଼ିକୁ ଟୋଲ୍ ଛାଡ଼ ଦାବି

ଅନୁଗୋଳ/ବଇଣ୍ଡା, ୧୮ ।୨(ସମିସ)

ଅନୁଗୋଳ ଜିଲ୍ଲା ଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥ କାମ ନ ସରୁଣୁ ଟୋଲଗେଟ ନିର୍ମାଣ କରାଯାଇ ଅର୍ଥ ଆଦାୟ କରାଯାଉଛି। ଏହାକୁ କିଶୋରନଗର ବ୍ଲକର ୫ ପଞ୍ଚାୟତବାସୀ ବିରୋଧ କରିଛନ୍ତି। ସ୍ଥାନୀୟ ଗାଡ଼ିକୁ ଟୋଲରେ ଶୁଳ୍କଛାଡ଼ କରିବାକୁ ୫ ପଞ୍ଚାୟତର ସରପଞ୍ଚମାନେ ଜିଲ୍ଲାପାଳଙ୍କୁ

**● ଜିଲ୍ଲାପାଳଙ୍କୁ ୫ ସରପଞ୍ଚଙ୍କ ଦାବିପତ୍ର**

ଦାବିପତ୍ର ପ୍ରଦାନ କରିଛନ୍ତି। କିଶୋରନଗର ବ୍ଲକ ବାମୁର ପଞ୍ଚାୟତ ଭାଙ୍ଗମୁଣ୍ଡାରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଟୋଲଗେଟ ନିର୍ମାଣ କରାଯାଇଛି। ଗତ ଏକମାସ ହେବ ଏହି ଟୋଲ ଗେଟରେ ଟୋଲ୍ ଆଦାୟ କରାଯାଉଥିବା ବେଳେ ସ୍ଥାନୀୟ ଗାଡ଼ିଗୁଡ଼ିକରୁ ମଧ୍ୟ ବାରମ୍ବାର ଟୋଲ୍ ଆଦାୟ କରାଯାଉଛି। ଏ ନେଇ ସଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ମଙ୍ଗଳବାର କିଶୋରନଗର ବ୍ଲକ ବାମୁର ସରପଞ୍ଚ ସଞ୍ଜୀବ କୁମାର ପ୍ରଧାନ, ଧଉରାପାଲି ସରପଞ୍ଚ ସଞ୍ଜିତ କୁମାର ସାହୁ, ଆମ୍ବପାଳ ସରପଞ୍ଚ ସୁଲୋଚନା ବୀର, ଝରାବେରେଣୀ ସରପଞ୍ଚ ଶରତ ପ୍ରଧାନ ଓ ଠେଲକନାଳି ସରପଞ୍ଚ ଅମିତ ସାହୁ ଅନୁଗୋଳ ଜିଲ୍ଲାପାଳଙ୍କୁ ଏ ନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ନକଲ ସମ୍ବଲପୁର ଜାତୀୟ ରାଜପଥ ବିଭାଗର ପିଡି, କେନ୍ଦ୍ର ଶିକ୍ଷାମନ୍ତ୍ରୀ, କେନ୍ଦ୍ର ପରିବହନ ମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି।




ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି ଯେ ବାମୁର ଭାଙ୍ଗମୁଣ୍ଡାସ୍ଥିତ ଟୋଲ ଗେଟ ଦେଇ ଗଲେ କାରଗୁଡ଼ିକରୁ ୧୪୦ ଟଙ୍କା, ଟ୍ରକ, ବସଗୁଡ଼ିକରୁ ୪୦୦ ଟଙ୍କା ଲେଖାଏଁ ଆଦାୟ କରାଯାଉଛି। ଏପରିକି ଅଟୋଗୁଡ଼ିକରୁ ମଧ୍ୟ ୧୪୦ ଟଙ୍କା ଲେଖାଏଁ ଆଦାୟ କରାଯାଉଛି। ବାମୁର ପଞ୍ଚାୟତରେ ଏହି ଟୋଲ ଗେଟ ହୋଇଥିବା ସତ୍ତ୍ୱେ ସ୍ଥାନୀୟ ଗାଡ଼ିଗୁଡ଼ିକରୁ ମଧ୍ୟ ଜୁଲମ କରି ଅର୍ଥ ଆଦାୟ କରାଯାଉଛି। ସ୍ଥାନୀୟ ଗାଡ଼ିଗୁଡ଼ିକରୁ ଶୁଳ୍କ ଆଦାୟ ପାଇଁ ବ୍ୟବସ୍ଥା ନ ଥିଲେ ମଧ୍ୟ ଟୋଲ ଗେଟ କର୍ମଚାରୀ କୌଣସି ସ୍ଥାନୀୟ ଗାଡ଼ିକୁ ଛାଡୁନାହାନ୍ତି। ଏପରିକି ପଞ୍ଚାୟତଗୁଡ଼ିକୁ ସଂଯୋଗ କରୁଥିବା ଗ୍ରାମ୍ୟ ରାସ୍ତାଗୁଡ଼ିକୁ ମଧ୍ୟ ବନ୍ଦ କରିଦେଇଛନ୍ତି। ଫଳରେ ବାମୁର ବସଷ୍ଟାଣ୍ଡକୁ ଆସୁଥିବା ସମସ୍ତ ଘରୋଇ ଗାଡ଼ିଗୁଡ଼ିକ ହଇରାଣ ହେଉଛନ୍ତି। କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଅନେକ ରୋଗୀଙ୍କୁ ୨୦ କିମି ଦୂରରେ ଥିବା ରେଢ଼ାଖୋଲ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଉଥିବା ସହ ସେଠାକାର ବ୍ଲକବ୍ୟାଙ୍କ ଉପରେ ନିର୍ଭର କରୁଥିବା ବେଳେ ରୋଗୀମାନେ ଗାଡ଼ି ଭଡ଼ା କରି ଯାଉଥିବା ସହ ଟୋଲ ଶୁଳ୍କ ଦେଇ ଖର୍ଚ୍ଚାନ୍ତ ହେଉଛନ୍ତି। ଏପରିକି ଅନେକ ଗାଡ଼ି ଚାଳକଙ୍କୁ ଟୋଲ ଗେଟ କର୍ମଚାରୀ ଗାଳିଗୁଲଜ କରୁଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ତୁରନ୍ତ ଏଥିପ୍ରତି ଜାତୀୟ ରାଜପଥ ବିଭାଗ ଅଧିକାରୀ ଦୃଷ୍ଟିଦେଇ ସମାଧାନ କରିବା ସହ ସ୍ଥାନୀୟ ଗାଡ଼ିଗୁଡ଼ିକୁ ଶୁଳ୍କ ଛାଡ଼ କରିବାକୁ ଦାବି କରାଯାଇଛି। ନଚେତ ଆଗାମୀ ଦିନରେ ଏହି ୫ ପଞ୍ଚାୟତବାସୀ ଟୋଲ ଗେଟ ସମ୍ମୁଖରେ ଧାରଣା ଦେବା ସହ ରାସ୍ତା ଅବରୋଧ କରି ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଟୋଲ ଗେଟ ପରିଚାଳକ ସୁବ୍ରତ କୁମାର ସ୍ୱାଇଁ କୁହନ୍ତି, ଟୋଲ ଗେଟରେ କୌଣସି ଚାଳକଙ୍କୁ ବ୍ୟବହାର ଖରାପ କରାଯାଉନାହିଁ। ଏହି ଅଭିଯୋଗ ସମ୍ପୂର୍ଣ୍ଣ ମିଛ। ଆମକୁ ଅନେକ ବ୍ୟକ୍ତି ବ୍ୟବହାର ଖରାପ କରିବା ସହ ହତ୍ୟା ଧମକ ଦେଉଛନ୍ତି। କୌଣସି ଗାଡ଼ିକୁ ବିନା ଟୋଲରେ ଛାଡ଼ିବା ନିୟମ ନାହିଁ ବୋଲି ସ୍ୱାଇଁ କହିଛନ୍ତି।

## ବାଇକ୍‌ରେ ଆସି ଝାମ୍ପିନେଲେ ମଙ୍ଗଳସୂତ୍ର ଓ ଚେନ୍

ବଣ୍ଟରପାଳ, ୧୮ ।୨(ସମିସ): ୫୫ନଂ ଜାତୀୟ ରାଜପଥର ବଣ୍ଟରପାଳ ଥାନା ବନ୍ଧା ଓଭରବ୍ରିଜ ପାଖରେ ଦୁଇ ପୃଥକ ଛିନତାଇ ଘଟଣା ଘଟିଥିବା ଅଭିଯୋଗ ହୋଇଛି। ଦୁଇ ଯୁବକ ବାଇକରେ ଆସି ମଙ୍ଗଳସୂତ୍ର, ସୁନାଚେନ ଓ ମୋବାଇଲ ଫୋନ ଝାମ୍ପିନେଇ ଫେରାର ହୋଇଯାଇଛନ୍ତି। ସୋମବାର ଅପରାହ୍ନ ୨ଟାରେ ଓଭରବ୍ରିଜ ପାଖ ବନ୍ଧା ଛକରେ ଜଣେ କଲେଜ ଛାତ୍ରୀ ଠିଆହୋଇ ମୋବାଇଲ ଦେଖୁଥିଲେ। ଏହି ସମୟରେ ଦୁଇ ଯୁବକ ବାଇକ୍‌ରେ ଆସି ସେଠାରେ ଅଟକିବା ସହ ଛାତ୍ରୀଙ୍କ ହାତରୁ ମୋବାଇଲ ଫୋନ ଛଡ଼ାଇ ଦ୍ରୁତଗତିରେ ଅନୁଗୋଳ ଆଡ଼େ ପଳାଇଥିଲେ। ସେହିପରି ଓଭରବ୍ରିଜ ତଳେ ଥିବା ଗିରି ଗୋବର୍ଦ୍ଧନ ନଗରର ସୁଧାକର ସାହୁଙ୍କ ପତ୍ନୀ ଓ ତାଙ୍କ ଖୁଡ଼ୀଶାଶୂ ନିଜ ଘର ସମ୍ମୁଖ ରାସ୍ତାରେ ସନ୍ଧ୍ୟା ୬ଟାରେ ଠିଆହୋଇ କଥାବାର୍ତ୍ତା ହେଉଥିଲେ। ଏହି ସମୟରେ ଦୁଇ ଯୁବକ ବାଇକରେ ଆସି ସେଠାରେ ପହଞ୍ଚିଥିଲେ। ଜଣେ ଯୁବକ ବାଇକରେ ବସିଥିବା ବେଳେ ଅନ୍ୟ ଯୁବକ ଜଣକ ସେମାନଙ୍କ ପାଖକୁ ଆସି ଏଠାରେ କେସିବି କିଏ ଭଡ଼ା ଦେଉଛି ଓ ଘରଭଡ଼ା ମିଳିବ କି ବୋଲି ପଚାରିଥିଲେ। ସେହି ସମୟରେ ଖୁଡ଼ୀଶାଶୂ ନିକଟରେ ଥିବା ନିଜ ଘରକୁ ଚାଲି ଯାଇଥିଲେ। ସୁଧାକରଙ୍କ ପତ୍ନୀ ନିଜ ଘରକୁ ଫେରିବା ସମୟରେ ସମ୍ପୃକ୍ତ ଯୁବକ ହଠାତ ପଛପଟୁ ତାଙ୍କ ବେକରୁ ସୁନାଚେନ ଓ ମଙ୍ଗଳସୂତ୍ର ଝାମ୍ପିନେଇ ଷ୍ଟାର୍ଟରେ ଥିବା ବାଇକରେ ବସି ସାପ୍ତାହିକ ହାଟ ଆଡ଼େ ଆଖି ପିଛୁଳାକେ ଚମ୍ପଟ ମାରିଥିଲେ। ମହିଳା ଜଣକ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ। ତାଙ୍କ ବେକ କଟି ଆଘାତ ଲାଗିଥିବା ଜଣାପଡ଼ିଛି। ଏ ବିଷୟରେ ଥାନାରେ ଅଭଯୋଗ ହୋଇନାହିଁ।

## ତେଣ୍ଟୁଲେଇ ପଞ୍ଚାୟତରେ ବ୍ୟାପୁଛି ଝାଡ଼ାବାନ୍ତି



ତାଳଚେରସଦର, ୧୮ ।୨(ସମିସ): ବର୍ତ୍ତମାନ ତାଳଚେର ସମେତ ଗ୍ରାମାଞ୍ଚଳଗୁଡ଼ିକରେ ଝାଡ଼ାବାନ୍ତି ଲାଗି ରହିଥିବା ବେଳେ ଆକ୍ରାନ୍ତମାନେ ଦୈନନ୍ଦିନ ନିକଟସ୍ଥ ଡାକ୍ତରଖାନାକୁ ଯାଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ତାଳଚେର ବ୍ଲକ ଶିରିଗିଡ଼ା ଗ୍ରାମରେ କିଛିଦିନ ପୂର୍ବରୁ ୧୦ ପରିବାରର ୩୦ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। କଣ୍ଡାଳ ପଞ୍ଚାୟତ ତାଳବଡ଼ା ଗ୍ରାମରେ ମଧ୍ୟ ଝାଡ଼ାବାନ୍ତି ବ୍ୟାପିଥିଲା। ଏବେ ପୁଣି ତାଳଚେର ସହରଠାରୁ ଗ୍ରାମାଞ୍ଚଳରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ଦୈନିକ ବୃଦ୍ଧି ପାଇବାରେ ଲାଗିଛି। କିଛିଦିନ ହେବ ତାଳଚେର ବ୍ଲକ ତେଣ୍ଟୁଲେଇ ପଞ୍ଚାୟତ ହାଉସ ବୋର୍ଡ କଲୋନୀ, ଭଞ୍ଜ କଲୋନୀ ମୁଣ୍ଡାବଜାର ଆଦି ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିଛି। ଆକ୍ରାନ୍ତମାନେ ବିଭିନ୍ନ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ତେବେ ଏହା କେଉଁ କାରଣରୁ ବ୍ୟାପୁଛି ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପାଖରେ ଏ ନେଇ ସୂଚନା ନାହିଁ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଟିଏଫଏଲର ପରିତ୍ୟକ୍ତ ପାଣି ନାଳରେ ଛଡ଼ାଯିବା ଯୋଗୁଁ ଝାଡ଼ାବାନ୍ତି ବ୍ୟାପୁଛି। ଏହାର ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗକୁ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

## ସ୍ତ୍ରୀକୁ ମାଡ଼ ସହ ହତ୍ୟା ଧମକ

ବଇଣ୍ଡା, ୧୮ ।୨(ସମିସ): ଠାକୁରଗଡ଼ ଥାନା ତାଳମଲିହା ଗ୍ରାମର ସରିତା ପ୍ରଧାନଙ୍କୁ ତାଙ୍କ ସ୍ୱାମୀ ଉଦୟନାଥ ମାଝୀ ମାଡ଼ ମାରିବା ସହ ହତ୍ୟା ଧମକ ଦେଇ ଘରୁ ବାହାର କରିଦେଇଥିବା ଥାନାରେ ସୋମବାର ଅଭିଯୋଗ ହୋଇଛି। ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି। କିଛିମାସ ହେବ ସରିତାଙ୍କ ମଙ୍ଗଳସୂତ୍ର ଛିଣ୍ଡିଯାଇଥିବା ବେଳେ ତାହାକୁ ମରାମତି କରିବା ପାଇଁ ଉଦୟନାଥଙ୍କୁ କହିଥିଲେ। ଏଥିରେ ଉଦୟନାଥ ଉତକ୍ଷିପ୍ତ ହୋଇ ତାଙ୍କୁ ମାଡ଼ ମାରିବା ସହ ହତ୍ୟା ଧମକ ଦେଇ ଘରୁ ବାହାର କରିଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

## ବିଭିନ୍ନ ବିଦ୍ୟାଳୟରେ 'ନିପୁଣ ଓଡ଼ିଶା' ମେଳା

ତାଳଚେରସଦର, ୧୮ ।୨(ସମିସ): ବ୍ଲକସ୍ତରୀୟ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଭିତ୍ତିକ କାର୍ଯ୍ୟକ୍ରମ 'ନିପୁଣ ଓଡ଼ିଶା ମେଳା' ତାଳଚେର ବ୍ଲକ ଘଣ୍ଟପଡ଼ା ନୋଡାଲ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ଘଣ୍ଟପଡ଼ା ସରପଞ୍ଚ ସସ୍ମିତା ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ କରୁଣାକର ସାହୁ, ଘଣ୍ଟପଡ଼ା ନୋଡାଲ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରଣତି ପ୍ରଧାନ, ବିଦ୍ୟାଳୟ ସଭାପତି ନିତ୍ୟାନନ୍ଦ ସାହୁ, ଏବିଇଓ ଅଜୟ କୁମାର ମହାନ୍ତି, ବିଆରସିସି ସରୋଜ କୁମାର ପାଣି, ପୂର୍ବତନ ସରପଞ୍ଚ ସୁନୀଲ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଉନ୍ନତ ଜ୍ଞାନ ଆହରଣ କରିବା ପାଇଁ ପରାମର୍ଶ ଦେଇଥିଲେ। ସେହିଭଳି ତାଳଚେର ବ୍ଲକ ତାଳବେଡ଼ା ପ୍ରାଥମିକ ବିଦ୍ୟାଳୟରେ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଛି। ଏଥିରେ କଣ୍ଡାଳ ସରପଞ୍ଚଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ରହି ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଭିତ୍ତିକ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ।

## ମା' ମହାପାଟଙ୍କ ବାର୍ଷିକ ଉତ୍ସବ

ବଣ୍ଟରପାଳ/ଅନୁଗୋଳ, ୧୮ ।୨(ସମିସ): ବଣ୍ଟରପାଳ ଥାନା ଅପର୍ତ୍ତିପୁର ଗ୍ରାମର ଇଷ୍ଟଦେବୀ ମା' ମହାପାଟଙ୍କ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଛି।



ପୂର୍ବାହ୍ନ ୧୧ଟାରେ ବଜାବାଣ ରୋଷଣୀ ସାଙ୍ଗକୁ ଲଉଡ଼ି ଖେଳ ଓ ବୀରବାଦ୍ୟ ସହ ଦିଅଁଘରୁ ଠାକୁରାଣୀଙ୍କ ପୂଜାର୍ଚ୍ଚନା ହୋଇ ଆଲାମ ବାହାରିଥିଲା। ଆଲାମ ଗ୍ରାମ ପରିକ୍ରମା କରି ମହାପାଟ ପୀଠରେ ପହଞ୍ଚିଥିଲା। ଏହି ଉତ୍ସବ ପ୍ରତ୍ୟେକ ବର୍ଷ ଫାଲଗୁନ କୃଷ୍ଣପକ୍ଷ ପଞ୍ଚମୀ ତିଥିରେ ଅନୁଷ୍ଠିତ ହୁଏ। ଯାତ୍ରାରେ ବହୁ ଦୋକାନୀଙ୍କ ସମାଗମ ହୋଇଥାଏ। ମହାପାଟ ଗ୍ରାମର ପ୍ରତ୍ୟକ୍ଷ ଠାକୁରାଣୀ ହୋଇଥିବାରୁ ବହୁ ମାନସିକଧାରୀ ଓ ପାଞ୍ଚଗଡ଼ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ। ମହାପାଟ ଯୁବକ ସଂଘର ସମସ୍ତ ସଦସ୍ୟ ତଥା ଗ୍ରାମବାସୀଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳା ସହ ଯାତ୍ରା ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ଗୋପାଳ ଚନ୍ଦ୍ର ନାଏକ, ବିଜେପି ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ ଅତିଥି ଭାବେ ଯୋଗଦେଇଥିଲେ।

**■ ଆରମ୍ଭ ହେଲା ଯୁକ୍ତଦୁଇ ପରୀକ୍ଷା**

## ଜିଲ୍ଲାରେ ପରୀକ୍ଷା ଦେଉଛନ୍ତି ୧୦୪୦୯ ଛାତ୍ରଛାତ୍ରୀ



ଅନୁଗୋଳ, ୧୮ ।୨(ସମିସ): ମଙ୍ଗଳବାରଠାରୁ ରାଜ୍ୟରେ ଆରମ୍ଭ ହୋଇଛି ଯୁକ୍ତଦୁଇ ପରୀକ୍ଷା। ଏ ନେଇ ଜିଲ୍ଲା ସ୍ତରରେ ସମସ୍ତ ବ୍ୟବସ୍ଥା କରାଯାଇଛି। ମଙ୍ଗଳବାର ସକାଳେ ଛାତ୍ରଛାତ୍ରୀମାନେ ଅନୁଗୋଳ ସରକାରୀ ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲେ। ଜଣ ଜଣ କରି ଯାଞ୍ଚ ପରେ ସେମାନଙ୍କୁ ପରୀକ୍ଷା କେନ୍ଦ୍ରକୁ ଛଡ଼ାଯାଇଥିଲା। ପ୍ରଥମ ଦିନରେ ବିଜ୍ଞାନ ପରୀକ୍ଷା ଆରମ୍ଭ ହୋଇଛି। ପରୀକ୍ଷା ନେଇ ଛାତ୍ରଛାତ୍ରୀଙ୍କ ମନରେ ସାମାନ୍ୟ ଭୟ ରହିଥିବା ସତ୍ତ୍ୱେ ଭଲ ରେଜଲ୍ଟ କରିବାକୁ ଆଶା ରଖିଥିବା କହିଛନ୍ତି। ଅନୁଗୋଳ ଜିଲ୍ଲାରେ ମୋଟ ୭ ହବ୍ ରହିଛି। ଏଠାରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପ୍ରଶ୍ନପତ୍ର ରଖାଯାଉଛି। ଚଳିତ ବର୍ଷ ଜିଲ୍ଲାରେ ୩୭ ପରୀକ୍ଷା କେନ୍ଦ୍ର ହୋଇଛି ୧୦,୪୦୯ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି। କଳାରେ ସର୍ବାଧିକ ୬, ୧୮୧, ବିଜ୍ଞାନରେ ୩, ୭୩୬, ବାଣିଜ୍ୟରେ ୪୯୨ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ଜଣାପଡ଼ିଛି।

**ବଇଣ୍ଡା:** କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟରେ ୮୮ ଛାତ୍ରଛାତ୍ରୀ ଯୁକ୍ତଦୁଇ ବିଜ୍ଞାନ ପରୀକ୍ଷା ଦେଇଛନ୍ତି। ପୂର୍ବାହ୍ନ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ଗୋଟାଏରେ ଶେଷ ହୋଇଥିଲା। ସକାଳ ୯ଟାରେ ପ୍ରଶ୍ନପତ୍ର ଥିବା କୋଠରିକୁ ମାଜିଷ୍ଟ୍ରେଟ୍ ତଥା କିଶୋରନଗର ତହସିଲଦାର ମନୋଜ କୁମାର ପ୍ରଧାନଙ୍କ ଉପସ୍ଥିତିରେ ଖୋଲାଯାଇଥିଲା। ସାଢ଼େ ୯ଟାରେ ଛାତ୍ରଛାତ୍ରୀଙ୍କୁ ଯାଞ୍ଚ କରାଯାଇ ପରୀକ୍ଷା କେନ୍ଦ୍ରକୁ ଛଡ଼ାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ କାଳନ୍ଦୀ ଚରଣ ପ୍ରଧାନ ସେଣ୍ଟର ସୁପରିନଟେଣ୍ଡେଣ୍ଟ ଭାବେ ନିଯୁକ୍ତ ହୋଇଥିବା ବେଳେ ଅଧ୍ୟାପକ ଅସିତ କୁମାର ଜେନା, କାଳିଆ ସେଠୀ, ରାମାକାନ୍ତ କୁଲୁ, ହାଡ଼ିବନ୍ଧୁ ପ୍ରଧାନ, ଶୁଭ୍ରଶଶୀ ପ୍ରଧାନ, ଦୀପକ ବେହେରା, ଲିପୁ ସେନାପତି, ଚନ୍ଦ୍ରଶେଖର ସିଂ ପ୍ରମୁଖ ପରୀକ୍ଷା ପରିଚାଳନା କରିଥିଲେ।



**■ ଭାରତର ଡିଜିଟାଲ ଭବିଷ୍ୟତ ସୁରକ୍ଷିତ ରଖିବାକୁ ପ୍ରୟାସ**

## ଫେଡେକ୍ସ ପକ୍ଷରୁ ଦେଶବ୍ୟାପୀ ସଚେତନତା

ତାଳଚେରସଦର, ୧୮ ।୨(ସମିସ): ସାରା ଭାରତରେ ସାଇବର ଠକେଇ ଦିନକୁ ଦିନ ବଢ଼ି ଚାଲିଛି। ଏଥିରୁ ବର୍ତ୍ତିବା ପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି। ଏ ନେଇ ବିଶ୍ୱର ସର୍ବବୃହତ ଏକ୍ସପ୍ରେସ୍ ଟ୍ରାନ୍ସପୋର୍ଟ କମ୍ପାନୀ ଫେଡେରାଲ ଏକ୍ସପ୍ରେସ୍ କର୍ପୋରେସନ୍ (ଫେଡେକ୍ସ) ସ୍ଥାନୀୟ ପୁଲିସ, ସାଇବର ସୁରକ୍ଷା ସେଲ ଏବଂ ୟୁନାଇଟେଡ୍ ମୁମ୍ବାଇ ମିଳିତ ସହଯୋଗରେ ଦେଶବ୍ୟାପୀ ସାଇବର ସୁରକ୍ଷା ସଚେତନା ଏବଂ ତାଲିମ୍ କାର୍ଯ୍ୟକ୍ରମ ଆରମ୍ଭ କରିଛି। ୨୦୨୪ରେ ଭାରତରେ ସାଇବର ଠକେଇରେ ୧.୭ ବିଲିୟନ୍‌ରୁ ଅଧିକ ଟଙ୍କା କ୍ଷତି ହୋଇଛି। ଫେଡେକ୍ସର ମାର୍କେଟିଂ ଉପାଧ୍ୟକ୍ଷ ନୀତୀନ ନବନୀତ୍ ତାଟିୱାଲା କହିଛନ୍ତି ଯେ ସାଇବର ଅପରାଧ ରୋକିବା ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ହେଉଛି ଆମର ପ୍ରତିରକ୍ଷା ଉପାୟ। ଏହି ପ୍ରଚେଷ୍ଟା ସହ ଆମେ ଜନସମାଜକୁ ଆବଶ୍ୟକ ଜ୍ଞାନ ଏବଂ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ। ଏହାଦ୍ୱାରା ଲୋକେ ଏଭଳି ଠକେଇରୁ ନିଜକୁ ସୁରକ୍ଷିତ ରଖିବାପାରିବେ ଏବଂ ଦେଶସାରା ଏକ ସୁରକ୍ଷିତ ଡିଜିଟାଲ ପରିବେଶ ସୃଷ୍ଟି ହୋଇପାରିବ ବୋଲି ସେ କହିଛନ୍ତି।

## 'ଘର ହିଁ ବିଦ୍ୟାଳୟ' ପ୍ରକଳ୍ପ କାର୍ଯ୍ୟକ୍ରମ




ଅନୁଗୋଳ, ୧୮ ।୨(ସମିସ): ଶିକ୍ଷାବିକଶ ସମିତି ଓଡ଼ିଶା ଯୋଜନା ଅଧୀନରେ ସ୍ଥାନୀୟ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ବାଟିକା ବିଭାଗ ଅଭିଭାବକଙ୍କୁ ନେଇ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବକ୍ଷେତ୍ର ସଙ୍ଗୀତ ସଂଯୋଜକ ମୋହନ ରାଓ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଘରକୁ କିଭଳି ବିଦ୍ୟାଳୟ ରୂପେ ଗଠନ କରାଯାଇ ପାରିବ ତଥା ଭାରତୀୟ ଶିକ୍ଷା କିଭଳି ମୂଲ୍ୟବୋଧଭିତ୍ତିକ ସେ ସମ୍ବନ୍ଧରେ ଆଲୋଚନା କରିଥିଲେ। ଶିଶୁବଟିକା ବିଭାଗ ପ୍ରମୁଖ କିରଣ କୁମାରୀ ପ୍ରଧାନ ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇ ଉପସ୍ଥିତ ଥିଲେ। ବାଟିକା ବିଭାଗର ଶିଶୁମାନଙ୍କୁ ନେଇ ଏକ ନୃତ୍ୟ ପରିବେଷଣ ହୋଇଥିଲା। ମୋଟ ୪ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମ ଆଗକୁ ହେବ। ଶେଷରେ ଅଚାର୍ଯ୍ୟା ମାନସୀ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନୁଗୋଳରେ ସ୍ୱତନ୍ତ୍ର ସାହିତ୍ୟ ଆସର

ଅନୁଗୋଳ, ୧୮ ।୨(ସମିସ): ସ୍ଥାନୀୟ ଏକ ହୋଟେଲରେ ସ୍ୱତନ୍ତ୍ର ସାହିତ୍ୟ ଆସର ଆୟୋଜିତ ହୋଇଛି। ହିନ୍ଦୀ ସାହିତ୍ୟର ପ୍ରସିଦ୍ଧ କବୟିତ୍ରୀ ଡା. ରିତୁ ସିଂହ ନନନ ପାଣ୍ଡେ ଏଥିରେ ମୁଖ୍ୟଅତିଥି ରୂପେ ଯୋଗଦେଇ ସାହିତ୍ୟର ବିଭିନ୍ନ ବିଭବ ଉପରେ ଆଲୋକପାତ କରିଥିଲେ। ନିଜ ବକ୍ତବ୍ୟରେ ଡା. ପାଣ୍ଡେ କହିଲେ, ମାତୃଭାଷାରେ ଲିଖିତ ସାହିତ୍ୟରେ ଯେଉଁ ମିଠାପଣ ଏବଂ ମାଦକତା ଥାଏ ତାହା ଅନ୍ୟତ୍ର ଦେଖିବାକୁ ମିଳେନାହିଁ। ମୁଁ ଭାରତୀୟ ହେଲେ ମଧ୍ୟ ସୁରିନାମର ବୋହୂ। ତେଣୁ ବହୁ ସଂସ୍କୃତିବାଦକୁ ଭଲ ରୂପେ ପରଖିଛି ପରଷିଛି ମଧ୍ୟ। ମୋ ସାହିତ୍ୟରେ ଦୂରତ୍ୱ ବାଧକ ହୋଇ ରହିନାହିଁ। ଯୁବ ଲେଖକମାନଙ୍କୁ ପ୍ରଥମେ ଜଣେ ଭଲ ପାଠକ ହେବା ପାଇଁ ସେ ପରାମର୍ଶ ଦେଇଥିଲେ। ଭାରତ ବିକାଶ ପରିଷଦ ଏବଂ ସାହିତ୍ୟ ଘର ପକ୍ଷରୁ ଆୟୋଜିତ ଏହି ସାହିତ୍ୟ ଆସରରେ ପୌରୋହିତ୍ୟ କରିଥିଲେ ଅନୁଗୋଳ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶାନ୍ତନୁ କୁମାର ସର। ସେ ଡା. ପାଣ୍ଡେଙ୍କ ସାହିତ୍ୟକୁ ବିବିଧବର୍ଣ୍ଣା ବୋଲି ଉଲ୍ଲେଖ କରିବା ସହ ସେ ସବୁ ବେଶ୍ ପାଠକୀୟ ଆଦୃତି ପାଇଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଷଦର ସମ୍ପାଦକ ବିଜୟ ମୋଦି, ବଜରଙ୍ଗ ଅଗ୍ରୱାଲ, ଅରୁଣ କୁମାର ସାହୁ, କୁମୁଦ ଚନ୍ଦ୍ର ଦାସ, ଅରୁଣା ମିଶ୍ର, ଶୀତଳ ମାଲି ପ୍ରମୁଖ ଉପସ୍ଥିତ ଥିଲେ। ସନତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହରେ ବିଶିଷ୍ଟ ଅନୁବାଦକ ଦୀନେଶ ମାଳିଙ୍କ ଦୁଇଟି ପୁସ୍ତକ ଏବଂ ଡା. ସଦାନନ୍ଦ ପରିଡ଼ାଙ୍କ ଗୋଟିଏ ପୁସ୍ତକ ଉନ୍ମୋଚିତ ହୋଇଥିଲା। ସାଉଥ ବଲଣ୍ଡା ସାହିତ୍ୟ ଘର ସଭାପତି ବିଭୂତି ସାହୁ ଦୀନେଶ ମାଳିଙ୍କ ପୁସ୍ତକର ଅନୁବାଦ କରିଥିଲେ।




## ବିପର୍ଯ୍ୟସ୍ତ ସଡ଼କ, ଗମନାଗମନ ବ୍ୟବସ୍ଥା

ଅନୁଗୋଳ ବ୍ଲକ, ୧୮ ।୨(ସମିସ)

ଜିଲ୍ଲାରେ ସଡ଼କ ପଥରେ ଗମନାଗମନ ବ୍ୟବସ୍ଥା ଅତ୍ୟନ୍ତ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ମଣିଷ ଜୀବନ ସଙ୍କଟରେ ପଡ଼ିଛି। ବିପର୍ଯ୍ୟସ୍ତ ରାସ୍ତାଘାଟ ଯୋଗୁଁ ପ୍ରତିଦିନ ସଡ଼କ ଦୁର୍ଘଟଣାରେ ଲୋକଙ୍କ ଜୀବନ ଯାଉଛି। ସୋମବାର ଅନୁଗୋଳ ସହରର ଗାନ୍ଧୀମାର୍ଗରେ ହାଇୱା ଧକ୍କାରେ ଦୁଇଜଣ

**■ ସଙ୍କଟରେ ଜୀବନ**

ଆରୋହୀଙ୍କ ମୃତ୍ୟୁ ହୋଇଥିଲା। ସବୁଦିନ ଛୋଟବଡ଼ ଦୁର୍ଘଟଣା ଘଟି ଲୋକେ ମୃତାହତ ହେଉଥିବା ସମସ୍ତେ ଜାଣି ମଧ୍ୟ ନ ଜାଣିଲା ପରି ଅଭିନୟ କରୁଛନ୍ତି। ଦୁର୍ଘଟଣାରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି ଦୁଇଚକିଆ ଯାନ ଚଳାଉଥିବା ବ୍ୟକ୍ତି। ଅନ୍ୟପଟେ ଅଧିକାଂଶ ବାଇକ୍ ଚାଳକ ହେଲମେଟ ବ୍ୟବହାର କରୁ ନ ଥିବାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ସ୍ଥାନୀୟ ପୁଲିସ, ପ୍ରଶାସନ ତଥା ପରିବହନ ବିଭାଗ ଏ ସବୁ ପ୍ରତି ଆଖି ବନ୍ଦ କରିଦେଉଛି। ଜିଲ୍ଲାକୁ ନୂଆ ପୁଲିସ ଅଧିକାରୀ ଆସିଲା ବେଳେ ଲୋକଦେଖାଣିଆ ଭାବେ କିଛିଦିନ ଗାଡ଼ି କାଗଜପତ୍ର, ହେଲମେଟ, ସିଟ୍‌ବେଲ୍ଟ ଆଦି ଯାଞ୍ଚ ହୁଏ। କିଛିଦିନ ପରେ ଯଥାପୂର୍ବଂ ତଥା ପରଂ।

ଦ୍ରୁତ ଶିଳ୍ପାୟନ ଯୋଗୁଁ ଅନୁଗୋଳ ଜିଲ୍ଲାର ଜନସଂଖ୍ୟା ଯଥେଷ୍ଟ ବଢ଼ିଛି। ରାସ୍ତାଘାଟ, ହାଟବଜାର ସବୁଠି ଅସମ୍ଭବ ଭିଡ଼ ଦେଖିବାକୁ ମିଳୁଛି। କିନ୍ତୁ ଶୃଙ୍ଖଳିତ ଜୀବନଶୈଳୀ କେଉଁଠାରେ ବି ଦେଖିବାକୁ ମିଳୁନାହିଁ। ମହିଳାମାନେ କୁନି କୁନି ପିଲାଙ୍କୁ ବିନା ସୁରକ୍ଷା କବଚରେ ଅତି ବିପଜ୍ଜନକ ଅବସ୍ଥାରେ ଦୁଇଚକିଆ ଯାନରେ ଧରି ଅତି ବେପରୁଆ ଭାବେ ବୁଲୁଛନ୍ତି। ସ୍କୁଲ ଓ କଲେଜ ପିଲାମାନେ ମଧ୍ୟ ବିନା ହେଲମେଟରେ ଦ୍ରୁତଗତିରେ ବିନା ଲାଇସେନ୍ସରେ ଗାଡ଼ି ଚଳାଉଛନ୍ତି। କିଛି ସରକାରୀ କର୍ମଚାରୀ ମଧ୍ୟ ସଡ଼କ ସୁରକ୍ଷା ନିୟମକୁ ଖୋଲା ଉଲ୍ଲଙ୍ଘନ କରୁଥିବା ନଜିର ରହିଛି। ସହର ମଧ୍ୟକୁ ଦିନବେଳେ ଭାରୀଯାନ ପ୍ରବେଶ ଉପରେ କଟକଣା ଜାରି କରାଯାଇଥିଲେ ମଧ୍ୟ କେତେକ ଭାରୀଯାନ ପ୍ରବେଶ କରୁଥିବା ଜଣାପଡ଼ିଛି। ଯାତ୍ରୀବାହୀ ଓ ଶିଳ୍ପସଂସ୍ଥାଗୁଡ଼ିକର ବସଗୁଡ଼ିକ ରାସ୍ତା ମଝିରେ ମନଇଚ୍ଛା ପାର୍କିଂ କରି ଯାତ୍ରୀଙ୍କୁ ଉଠାଇବା ଓ ଓହ୍ଲାଇବା ଆଦି କାର୍ଯ୍ୟ ବେଧଡ଼କ କରୁଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି, ଏ ସବୁକୁ ନିୟନ୍ତ୍ରଣ କରିବ କିଏ। ସଡ଼କ ଦୁର୍ଘଟଣାରେ ଯେତେ ଲୋକ ପ୍ରାଣ ହରାଉଛନ୍ତି ତାହା କୌଣସି ମହାମାରୀ ତଥା ଆତଙ୍କବାଦୀ ଆକ୍ରମଣରେ ଜୀବନ ହରାଇଥିବା ଲୋକଙ୍କ ସଂଖ୍ୟାଠାରୁ ଢେର ଅଧିକ। ତେଣୁ ପ୍ରଶାସନ, ନାଗରିକ ସମସ୍ତେ ସଚେତନ ହେଲେ ଦୁର୍ଘଟଣାଜନିତ ମୃତ୍ୟୁ ରୋକାଯାଇପାରିବ ବୋଲି ମତ ପ୍ରକାଶ ପାଇଛି।



# ଅନୁଗୋଳରେ ବୁଲୁଛି ମାଳମାଳ ଚୋରା ବନ୍ଧୁକ

ଅନୁଗୋଳ, ୧୮ ।୨(ସମିସ)

ଅନୁଗୋଳରେ ବୁଲୁଛି ମାଳମାଳ ଚୋରା ବନ୍ଧୁକ, ମାଉଜର। କଥା କଥାକେ ଫୁଟୁଛି ଗୁଳି। ଛୋଟ ଛୋଟ କଥା ପାଇଁ ବି ଲୋକେ ପରସ୍ପରକୁ ମାରିବାକୁ ବନ୍ଧୁକ ଉଠାଉଛନ୍ତି। କ୍ରମେ ଅନୁଗୋଳରେ ବନ୍ଧୁକ କାରବାର ବଢୁଥିବା ଅପରାଧ ସମ୍ପର୍କିତ ସରକାରୀ ତାଲିକା କହୁଛି।

ଦୁଇବର୍ଷ ତଳେ ରାଜ୍ୟ ବିଧାନସଭାରେ ତତ୍କାଳୀନ ଗୃହରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଲାଇସେନ୍ସପ୍ରାପ୍ତ ବନ୍ଧୁକ କାରବାର ନେଇ ଏକ ରିପୋର୍ଟ ରଖିଥିଲେ। ସେହି ରିପୋର୍ଟ ଅନୁସାରେ ସେତେବେଳେ ରାଜ୍ୟରେ ୧୮ ହଜାରରୁ ଅଧିକ ବନ୍ଧୁକ ଥିଲା। କେନ୍ଦୁଝରରେ ସର୍ବାଧିକ ୧୩୨୭ ଲାଇସେନ୍ସପ୍ରାପ୍ତ ବନ୍ଧୁକ ଥିବା ବେଳେ ଅନୁଗୋଳରେ ଦ୍ୱିତୀୟ ସର୍ବାଧିକ ୧୨୦୩ ଓ ବାଲେଶ୍ୱରରେ ତୃତୀୟ ସର୍ବାଧିକ ୧୧୦୫ ବନ୍ଧୁକ ଥିଲା। ସେହିପରି ଗଞ୍ଜାମରେ ୪୨୯, କଳାହାଣ୍ଡିରେ ୯୯୯, ଭଦ୍ରକରେ ୬୬୫, ନୟାଗଡ଼ରେ ୯୨୩, କଟକ ଭୁବନେଶ୍ୱର କମିଶନରେଟ ପୁଲିସ ଅଞ୍ଚଳରେ ୩୨୫, ବ୍ରହ୍ମପୁର ପୁଲିସ ଜିଲ୍ଲାରେ ୩୦୯, ରାଉରକେଲା ପୁଲିସ ଜିଲ୍ଲାରେ ୪୧୧ ବନ୍ଧୁକ ରହିଥିଲା। ଅନ୍ୟ ଜିଲ୍ଲାରେ ଅପେକ୍ଷାକୃତ କମ୍ ବନ୍ଧୁକ ଥିବା ମନ୍ତ୍ରୀ ପ୍ରକାଶ କରିଥିଲେ।

■ **କଥା କଥାକେ ଫୁଟୁଛି ଗୁଳି**

ରିପୋର୍ଟରୁ ଜଣାଯାଇଛି, ଖଣି ଖାଦାନ ଓ ଶିଳ୍ପଭରା ଜିଲ୍ଲାଗୁଡ଼ିକରେ ବ୍ୟାଙ୍କ ସୁରକ୍ଷା, ଶିଳ୍ପ ସୁରକ୍ଷା ସାଙ୍ଗକୁ ଆତ୍ମରକ୍ଷା ଏବଂ ଅନ୍ୟାନ୍ୟ କାରଣରୁ ବନ୍ଧୁକ କାରବାର ଅଧିକ ରହିଛି। କିନ୍ତୁ ଏବେ ଅନୁଗୋଳରେ ବନ୍ଧୁକ ସଂଖ୍ୟା ଚିନ୍ତା ବଢ଼ାଇଛି। ନିକଟରେ କେରଜଙ୍ଗ ଗାଁରେ ଗୁଳିମାଡ଼ରେ ଜଣେ ନାବାଳକ ଆହତ ହୋଇଥିବା ବେଳେ ବନ୍ତଳା ଧୋକୁଟା ଅଞ୍ଚଳରେ ଗତ ସୋମବାର ରାତିରେ ଗୁଳିମାଡ଼ରେ ଶଳା-ଭିଣୋଇ ଗୁରୁତର ଆହତ ହୋଇଛନ୍ତି। ଏବେ ଅନୁଗୋଳ, ଛେଣ୍ଡିପଦା, ତାଳଚେର, କଣିହାଁ ଆଦି ବ୍ଲକର ଏକାଧିକ ଗାଁରେ ଚୋରା ବନ୍ଧୁକ ଥିବା ଅଭିଯୋଗ ହେଉଛି।

■ **ବନ୍ତଳାରେ ୨ ଜଣଙ୍କୁ ଗୁଳିମାଡ଼ ଘଟଣା**

## ଦେହରୁ ବାହାରିଲା ୫ ଗୁଳି, ଜଣେ ଅଟକ

ଅନୁଗୋଳ, ୧୮ ।୨(ସମିସ): ଅନୁଗୋଳ ଜିଲ୍ଲା ବନ୍ତଳା ଥାନା ଅଞ୍ଚଳରେ ସୋମବାର ସଂଘଟିତ ଗୁଳିକାଣ୍ଡର ତଦନ୍ତ କରି ପୁଲିସ ଜଣକୁ ଅଟକ ରଖିଛି। ଏ ନେଇ ଅନୁଗୋଳ ଏସ୍‌ପି ରାହୁଲ ଜୈନ କହିଛନ୍ତି, ଘଟଣାର ତଦନ୍ତ ପାଇଁ ପୁଲିସ ପକ୍ଷରୁ ୨ଟି ଟିମ୍ ଗଠନ କରାଯାଇଛି। ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଅପରାଧୀମାନେ ଧରାପଡ଼ିବେ ବୋଲି ଏସ୍‌ପି କହିଛନ୍ତି। ଅନ୍ୟପଟେ ଗୁଳିମାଡ଼ର ଶିକାର ହୋଇଥିବା ବିଷ୍ଣୁଚରଣ ନାଏକ (୪୦) ଓ ଶିବରାମ ନାଏକ (୨୮) କଟକ ବଡ଼ ଡାକ୍ତରଖାନାରେ ଏବେ ବି ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ସେଠାରେ ଅସ୍ତ୍ରୋପଚାର କରାଯାଇ ଉଭୟଙ୍କ ଶରୀରରୁ ୫ଟି ଗୁଳି ବାହାର କରାଯାଇଛି। ବିଷ୍ଣୁଚରଣଙ୍କ ଦେହରୁ ୪ଟି ଓ ଶିବରାମଙ୍କ ଦେହରୁ ଗୋଟିଏ ଗୁଳି ବାହାରିଛି। ଏବେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ସୋମବାର ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ଧୋକୁଟା ପଞ୍ଚାୟତ କନ୍ହେଇନଗର ବିଷ୍ଣୁଚରଣ ଓ ଶିବରାମ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ବିଷ୍ଣୁଚରଣ ଓ ଶିବରାମ ସମ୍ପର୍କରେ ଶଳା-ଭିଣୋଇ ବୋଲି ଜଣାପଡ଼ିଛି।

ନିୟମ ଅନୁସାରେ, ନିର୍ଦ୍ଦିଷ୍ଟ ସ୍ପୋର୍ଟିଂ ରାଇଫଲ, ସଟ୍‌ଗନ, ପିସ୍ତଲ ଆଦି କଡ଼ା କଟକଣା ମଧ୍ୟରେ କିଣିହେବ। ତେଣୁ ଦୁର୍ବୃତ୍ତ ଓ ଅପରାଧୀମାନେ ଚୋରାରେ ମାଉଜର, ସେମି ଅଟୋମେଟିକ ପିସ୍ତଲ କିଣି ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ତେବେ ଏସବୁ ମାରଣାସ୍ତ୍ର ଆସୁଛି କେଉଁଠୁ ତାହା ବଡ଼ ପ୍ରଶ୍ନ ଭାବେ ଉଭା ହୋଇଛି। ଏ ନେଇ ପୁଲିସ କି ଗୁଇନ୍ଦା ବିଭାଗ ନିକଟରେ କୌଣସି ଖବର ନାହିଁ। ଏ ଦିଗରେ ପୁଲିସ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

■ **ଜଳୁଛି ଜଙ୍ଗଲ**

## ସାତକୋଶିଆ ବନ ବିଭାଗର ନାକତଳେ ନିଆଁ



ଅନୁଗୋଳ, ୧୮ ।୨(ସମିସ): ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର କେନ୍ଦ୍ରସ୍ଥଳ ଟିକରପଡ଼ା ବନବିଭାଗ କର୍ଯ୍ୟାଳୟର ଅତି ନିକଟ ଗଇଁନ୍ଦି ମୁଖ୍ୟ ରାସ୍ତା କଡ଼ରେ ଜଙ୍ଗଲରେ ନିଆଁ ଲାଗିଛି। ଖୋଦ ସାତକୋଶିଆ ବନଖଣ୍ଡ ଅଧିକାରୀ ଦୁଇଦିନ ତଳେ କିଛି ନିର୍ଦ୍ଦିଷ୍ଟ ଗଣମାଧ୍ୟମକୁ ଭାହସ୍କୋଟ ମାରି ସାତକୋଶିଆ ଅଭୟାରଣ୍ୟକୁ କିପରି ଗ୍ରୀଷ୍ମକାଳୀନ ନିଆଁ ଦାଉରୁ ରକ୍ଷା କରାଯିବ, ସେ ନେଇ ଏକ ବିବୃତି ପ୍ରଦାନ କରିଥିଲେ। ତେବେ ତାହା କେବଳ କଥାରେ ଥିଲା ବୋଲି ଆଜିର ନିଆଁକୁ ଦେଖିଲେ ଜଣାପଡୁଛି। ଘରେ ନ ପଶୁଣୁ ଚାଳ ବାଜିବା ସଦୃଶ ଖରାଦିନ ଆସିବା ପୂର୍ବରୁ ଜଙ୍ଗଲ ହୁତୁହୁତୁ ହୋଇ ଜଳିଲାଣି। ଆଶ୍ଚର୍ଯ୍ୟର କଥା ଯେ ଟିକରପଡ଼ା ବନବିଭାଗର ଅତି ପାଖ ଅଞ୍ଚଳରେ ନିଆଁ ଲାଗିଥିଲେ ବି ବିଭାଗର କୌଣସି କର୍ମଚାରୀଙ୍କୁ ସେଠାରେ ଦେଖିବାକୁ ମିଳିନାହିଁ। ବନ ବିଭାଗର ଏତେ ଗାଡ଼ି, ସରଞ୍ଜାମ ତେବେ କେଉଁ କାମରେ ଆସିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଦୌଡ଼କୁଦ ପାଇଁ ଖେଳାଳି ମନୋନୟନ

ଢେଙ୍କାନାଳ, ୧୮ ।୨(ସମିସ): ଆଗାମୀ ମାର୍ଚ୍ଚ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ବିହାର ପାଟନାରେ ବିଂଶତମ ଦୌଡ଼କୁଦ ପ୍ରତିଯୋଗିତା ଆୟୋଜିତ ହେବ। ଏଥିରେ ଅଂଶଗ୍ରହଣ କରିବା ଯୋଗ୍ୟ ଖେଳାଳି ଚୟନ ପରୀକ୍ଷା ଆସନ୍ତା ୨୨ ତାରିଖ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ଏଥିରେ ଭାଗନେବାକୁ ଇଚ୍ଛୁକ ଖେଳାଳିମାନେ ୨୦୦୮ରୁ ୨୦୦୯ ମଧ୍ୟରେ ଜନ୍ମ ହୋଇଥିବା ଆବଶ୍ୟକ। ଆଗ୍ରହୀ ଖେଳାଳିମାନେ ଅଧିକ ଜାଣିବା ପାଇଁ ଜିଲ୍ଲା କ୍ରୀଡ଼ା ସଂଘ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ମଧ୍ୟରେ ପହଁଞ୍ଚି ଯୋଗାଯୋଗ କରିବା ପାଇଁ ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ ସୂଚନା ଦେଇଛନ୍ତି।

## ନୂତନ ଥାନାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଭୁବନ, ୧୮ ।୨(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ଥାନାରେ ନୂତନ ଥାନାଧିକାରୀ ଭାବେ ଧୀରେନ୍ଦ୍ର କୁମାର ସ୍ୱାଇଁ କାର୍ଯ୍ୟରେ ଯୋଗଦେଇଛନ୍ତି। ମଙ୍ଗଳବାର ସ୍ଥାନୀୟ ବାଲିବୋ ଗୋ-ସେବା ସଙ୍ଗଠନ ପକ୍ଷରୁ ନୂତନ ଥାନାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଥାନାଧିକାରୀଙ୍କ ସହ ଗୋ-ସମ୍ପଦ ରକ୍ଷା ସମ୍ପର୍କରେ ହୋଇଥିବା ବିଶେଷ ଆଲୋଚନାରେ ଗଭୀର ଚିନ୍ତା ପ୍ରକଟ କରାଯାଇଛି। ସ୍ଥାନୀୟ ଅଞ୍ଚଳରେ ଗୋ-ଚାଲାଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥିବା ସଂଗଠନ ପକ୍ଷରୁ ଥାନାଧିକାରୀଙ୍କୁ ଅବଗତ କରାଯାଇଛି। ଆଗାମୀ ଦିନରେ ବେଆଇନ ଗୋ-ଚାଲାଣ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ସ୍ୱାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିପାଇଁ ସେ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି। ବାଲିବୋ ଗୋ-ସେବା ସଙ୍ଗଠନ ଏ ଦିଗରେ ସମ୍ପୂର୍ଣ୍ଣ ସହଯୋଗ କରିବ ବୋଲି ସଭାପତି ଅଭିଜିତ୍ ନାୟକ କହିଛନ୍ତି।

## ଆମ୍ବପଳାଶରେ ଅବକାରୀ ବିଭାଗ ଚଢ଼ଉ

ପରଜଙ୍ଗ, ୧୮ ।୨(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଆମ୍ବପଳାଶ ଗାଁରେ ଅବକାରୀ ବିଭାଗ ଟିମ୍ ଚଢ଼ଉ କରି ଜଙ୍ଗଲ ମଧ୍ୟରୁ ୩୦ ବ୍ୟାରେଲ ଦେଶୀମଦ ଓ ବିପୁଳ ପରିମାଣର ପୋଚ ନଷ୍ଟ କରିଛି। ଏଥିସହ ମଦ ତିଆରି ସାମଗ୍ରୀ ଜବତ କରାଯଇଛି। ଏପରିକି ଜଙ୍ଗଲ ମଧ୍ୟରେ ଥିବା ପ୍ରାୟ ୫୦ଟି ମଦ ତିଆରି ଗର୍ତ୍ତକୁ ମଧ୍ୟ ଭାଙ୍ଗି ଦିଆଯାଇଛି। ଆମ୍ବପଳାଶ ଗାଁ ଜଙ୍ଗଲରେ ମଦ ପ୍ରସ୍ତୁତି ଚାଲିଥିବା ବିଶେଷ ସୂତ୍ରରୁ ଖବର ପାଇ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ତେବେ ଏଥିରେ ସମ୍ପୃକ୍ତ ମଦ ମାଫିଆମାନେ ଫେରାର ହୋଇଯାଇଛନ୍ତି। ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଡାଲସିଂହା ମାର୍ଥାପୁର ବିଦ୍ୟାଳୟରେ ସମ୍ମାନ ସମାରୋହ



ଗଁଦିଆ, ୧୮ ।୨(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ସନ୍ତପୁର ପଞ୍ଚାୟତ ଡାଲସିଂହା ମାର୍ଥାପୁରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗଗନ ବିହାରୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଞ୍ଚସଖା ଶିକ୍ଷାସେତୁର ମୁଖ୍ୟ ପୃଷ୍ଠପୋଷକ ସାହିତ୍ୟିକ ତଥା ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପରିବେଶବିତ୍ ଓ ଶିକ୍ଷାବିତ୍ ପ୍ରକୃତିବନ୍ଧୁ ହରିହର ସାହୁ, ସମ୍ମାନିତ ଅତିଥି ଭାବେ ପରିବେଶବିତ୍ ଉପେନ୍ଦ୍ର କୁମାର ରାଉତ, ଡାଲସିଂହା ମାର୍ଥାପୁର ଗ୍ରାମ ସଭାପତି ଶ୍ରୀବତ୍ସ କୁମାର ପରିଡ଼ା, ପଞ୍ଚସଖା ଶିକ୍ଷାସେତୁର ସଭାପତି ଶ୍ୟାମସୁନ୍ଦର ସ୍ୱାଇଁ ଯୋଗଦେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହକାରୀ ଶିକ୍ଷକ କୀର୍ତ୍ତିରଞ୍ଜନ ବରାଳ ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଗାରିମାକୁ ବଢ଼ାଇଥିବା ପଞ୍ଚସଖା ଶିକ୍ଷାସେତୁର ସଭାପତି ଶ୍ୟାମସୁନ୍ଦର ସ୍ୱାଇଁ, ମନ୍ଦିର ଶିଳ୍ପୀ ରତ୍ନାକର ପରିଡ଼ା, ରାଜେନ୍ଦ୍ର ରାଉତଙ୍କୁ ସମ୍ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗତବର୍ଷ ଦଶମ ପରୀକ୍ଷାରେ ଭଲ ନମ୍ବର ରଖିଥିବା ପ୍ରିୟଦର୍ଶିନୀ ସାହୁଙ୍କୁ ଟ୍ରଷ୍ଟ ତରଫରୁ ଆର୍ଥିକ ସହାୟତା ରାଶି ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା।

## ଜିଲ୍ଲା ବିଜେପି ସଭାପତିଙ୍କୁ ସମ୍ବର୍ଦ୍ଧନା

ଅନୁଗୋଳ, ୧୮ ।୨(ସମିସ): ନବନିଯୁକ୍ତ ଅନୁଗୋଳ ଜିଲ୍ଲା ବିଜେପି ସଭାପତି ଯଯାତି ପଟ୍ଟନାୟକଙ୍କୁ ବଅଁରପାଳ ବଜାରରେ ବଅଁରପାଳ ମଣ୍ଡଳ ବିଜେପି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବଅଁରପାଳ ମଣ୍ଡଳ ସଭାପତି ପ୍ରତ୍ୟୁଷ ପଣ୍ଡାଙ୍କ ନେତୃତ୍ୱରେ ଆଇନଜୀବୀ ଦିଲୀପ କୁମାର ଦାସ, ହେମନ୍ତ ସାହୁ, ବିଧାୟକଙ୍କ ବଅଁରପାଳ ବ୍ଲକ ପ୍ରତିନିଧି କୁମର ନାଏକ, ମଧୁସୂଦନ ପ୍ରଧାନ, ଅନୀଲ ଅମାନ୍ତ, ମହେନ୍ଦ୍ର ଦଳ, ମନୋଜ ସାହୁ ପ୍ରମୁଖଙ୍କ ସମେତ ବିଭିନ୍ନ ପଞ୍ଚାୟତର ଶତାଧିକ ଦଳୀୟ କର୍ମୀ ସଭାପତି ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ। କର୍ମୀଙ୍କ ସହଯୋଗରେ ଅନୁଗୋଳ ଜିଲ୍ଲାରେ ଦଳକୁ ଅଧିକ ସୁଦୃଢ଼ କରାଯିବ ବୋଲି ସଭାପତି ପଟ୍ଟନାୟକ ଏହି ଅବସରରେ କହିଥିଲେ।



## ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା



ଅନୁଗୋଳ, ୧୮ ।୨(ସମିସ): ଅନୁଗୋଳ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକର ୧୭ କ୍ଲଷ୍ଟରର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ମେଳାରେ ଅନୁଗୋଳ ବିଇଓ ଲୋପାମୁଦ୍ରା ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଅନୁଗୋଳ ବିଡିଓ ଡ. ବିଶ୍ୱଭୂଷଣ, ସମ୍ମାନିତ ଅତିଥି ଭାବେ ଏବିଇଓ ପ୍ରଦ୍ୟୁମ୍ନ କୁମାର ମିଶ୍ର, ଜିଲ୍ଲା ଶୈକ୍ଷିକ ବିକାଶ ସଂଯୋଜକ ମନୋରଞ୍ଜନ ସାହୁ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ସରିତା ଦାସ ମଞ୍ଚ ପରିଚାଳନା କରିଥିଲେ। କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ନିପୁଣ ଓଡ଼ିଶା ସଙ୍ଗୀତ ଗାନ କରାଯାଇଥିଲା। ଉପସ୍ଥିତ ସମସ୍ତେ ନିପୁଣ ଓଡ଼ିଶା ଶପଥ ପାଠ କରିଥିଲେ।

ଅତିଥିମାନେ କୃତୀ ଛାତ୍ରଛତ୍ରୀଙ୍କୁ ପୁରସ୍କାର ଓ ଅଂଶଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ନିଷ୍ଠା ଓ ଏକାଗ୍ରତାର ସହ ଅଧ୍ୟୟନ ଜାରି ରଖିଲେ ସଫଳତା ନିଶ୍ଚୟ ମିଳିବ ବୋଲି ମୁଖ୍ୟଅତିଥି ବିଡିଓ ବିଶ୍ୱଭୂଷଣ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଅଭିଭାବକମାନେ ପିଲାମାନଙ୍କୁ ଘରେ ଗାଇଡ କରିବା ଓ ନିୟମିତ ବିଦ୍ୟାଳୟ ଆସି ଶ୍ରେଣୀ ଶିକ୍ଷକ ଓ ବିଷୟଭିତ୍ତିକ ଶିକ୍ଷକଙ୍କ ସହ ପିଲାର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିବା ପାଇଁ ବିଇଓ ପଟ୍ଟନାୟକ ପରାମର୍ଶ ଦେଇଥିଲେ। ପୋକତୁଙ୍ଗା ସିଆର୍‌ସିସି ଜିତେନ୍ଦ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଖେଳନା ଭିତ୍ତିକ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା



ଢେଙ୍କାନାଳ, ୧୮ ।୨(ସମିସ): ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ୨ ଦିନ ବ୍ୟାପୀ ଖେଳନା ଭିତ୍ତିକ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଆୟୋଜିତ ହୋଇଛି। ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ପ୍ରତିଭା ଦଳେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କର୍ମଶାଳରେ ପଶୁପକ୍ଷୀ, ସରୀସୃପମାନଙ୍କ ମୁଖା ତିଆରି କରାଯାଇ ଏକ ପ୍ରତୀକ ଚିଡ଼ିଆଖାନା ପ୍ରସ୍ତୁତ ହୋଇଛି। ଆଗାମୀ ଶିକ୍ଷାବର୍ଷରୁ ଶିଶୁବାଟିକା-୩ ଆରମ୍ଭ ହେଉଥିବାରୁ ସେମାନଙ୍କ ଶିକ୍ଷଣରେ ବିଭିନ୍ନ ଖେଳ ସାମଗ୍ରୀ, କଣ୍ଢେଇ, ପଶୁପକ୍ଷୀଙ୍କ ମୁଖା ବ୍ୟବହାର କରାଯାଇ ଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳନା କରିବାର ଆବଶ୍ୟକତା ଥିବାରୁ ଡିଆଇଇଟିରେ ନିର୍ମିତ ଶିଶୁ ବାଟିକାକୁ ସମୃଦ୍ଧ କରାଯିବା ପାଇଁ ଏହି ସାମଗ୍ରୀ ତିଆରି ହୋଇଛି ବୋଲି ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ ମତବ୍ୟକ୍ତ କରିଛନ୍ତି। କର୍ମଶାଳାରେ ପ୍ରଥମ ବର୍ଷର ଗୁରୁ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ପ୍ରଶିକ୍ଷିକା ସ୍ନେହଲତା ରାଜ, ସୌମ୍ୟା ପଟ୍ଟନାୟକ, କଲ୍ୟାଣୀ ସାହୁ, ବିଦ୍ୟୁତପ୍ରଭା ଶତପଥୀ ପ୍ରମୁଖ ମାର୍ଗଦର୍ଶନ କରିଥିଲେ।

■ **ଯୋଗାଣ ମନ୍ତ୍ରୀଙ୍କ ସହ ବିଧାୟକଙ୍କ ଆଲୋଚନା**

## ପାଲଲହଡ଼ାରୁ ଅଧିକ ଧାନ କ୍ରୟ ପାଇଁ ନିବେଦନ

ପାଲଲହଡ଼ା, ୧୮ ।୨(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡବାସୀ ମୁଖ୍ୟତଃ ଧାନଚାଷ ଉପରେ ନିର୍ଭରଶୀଳ। ଅଞ୍ଚଳବାସୀ ନିଜ ଧାନ ସରକାରଙ୍କୁ ବିକ୍ରିକରି ଗୁଜୁରାଣ ମେଣ୍ଟାଉଥିବା ବେଳେ ଉପଖଣ୍ଡରେ ଥିବା ୧୧ଟି ସେବା ସମବାୟ ସମିତିର ପ୍ରଥମ ପର୍ଯ୍ୟାୟ ଧାନକିଣା ଶେଷ ହୋଇଛି। ସରକାରୀ ଦର ନେଇ ଚାଷୀ ଖୁସି ଥିବାବେଳେ ବଳକା ରହିଯାଇଥିବା ଧାନ ଏବଂ ଆଦୌ ଟୋକନ ଆସି ନ ଥିବା ଚାଷୀ ଏବେ ଚିନ୍ତାରେ। ଏନେଇ ଚାଷୀ ଉପଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ପାଲଲହଡ଼ା ବିଧାୟକଙ୍କୁ ଧାନ ବିକ୍ରି ପାଇଁ ନିବେଦନ କରିଥିଲେ। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଚାଷୀଙ୍କ ସ୍ୱତନ୍ତ୍ର ଆଗ୍ରହ ପାଇଁ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପାଲଲହଡ଼ା ଓ କଣିହାଁ ବ୍ଲକର ୧୭ ସମବାୟ ସମିତିରୁ ଅଧିକ ଧାନ କିଣିବା ପାଇଁ ମଞ୍ଜୁରୀ ଦେବାକୁ କୃଷିମନ୍ତ୍ରୀଙ୍କୁ ଭେଟି ନିବେଦନ କରିଥିଲେ। ମଙ୍ଗଳବାର ବିଧାୟକ ପାଲଲହଡ଼ା ମହାନ୍ତି ଓ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ରାଜ୍ୟ ଖାଦ୍ୟ ଯୋଗଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଭେଟି ଏ ନେଇ ଆଲୋଚନା କରିଥିଲେ। ମନ୍ତ୍ରୀ ପାତ୍ର ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ପାଲଲହଡ଼ାକୁ ଅଧିକ ୧ ମାସ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଦ୍ୱାରା ସମବାୟ ସମିତି ଚାଷୀଙ୍କଠାରୁ ଅଧିକରୁ ଅଧିକ ଧାନ ସଂଗ୍ରହ କହିପାରିବ ବୋଲି ବିଧାୟକ ପ୍ରକାଶ କରିଛନ୍ତି।



**ସର୍ବଭାରତୀୟ ଢେଙ୍କାନାଳ କପ୍ କ୍ରିକେଟ**

## ସେମିଫାଇନାଲରେ କଟକ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ୍

ଢେଙ୍କାନାଳ, ୧୮ ।୨(ସମିସ)




ଢେଙ୍କାନାଳର ସ୍ୱେଚ୍ଛାସେବୀ ସଙ୍ଗଠନ 'ପ୍ରୟାସ' ପକ୍ଷରୁ ସ୍ଥାନୀୟ ମୁଖ୍ୟ ଷ୍ଟାଡିୟମରେ ଆୟୋଜିତ ପ୍ରଥମ ସର୍ବଭାରତୀୟ ଢେଙ୍କାନାଳ କପ୍ କ୍ରିକେଟ ପ୍ରତିଯୋଗିତାର ମଙ୍ଗଳବାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳାଯାଇଛି। ଏଥିରେ ଛତିଶଗଡ଼ ଫରେଷ୍ଟ ଏକାଦଶକୁ ୭୮ ରନରେ ପରାସ୍ତ କରି କଟକ ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ତୃତୀୟ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ରାଇଜିଂ ଷ୍ଟୁଡେଣ୍ଟ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୧୯.୩ ଓଭରରେ ୧୫୯ ରନ କରି ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅତୁଲ ୩୭ ବଲରେ ୩ ଛକା ଓ ୪ ଚୌକା ସହାୟତାରେ ୫୧ରନ କରିଥିଲେ। ଫରେଷ୍ଟ ଏକାଦଶ ପକ୍ଷରୁ ତନ୍ମୟ ଦତ୍ତ ୪ ଓଭରରେ ୩୦ରନ ଦେଇ ୪ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଫରେଷ୍ଟ ଏକାଦଶ ଦଳ ୧୬.୩ ଓଭରରେ ୮୧ରନ କରି ଅଲଆଉଟ୍ ହୋଇଯାଇଥିଲା। ରାଇଜିଂ ଷ୍ଟୁଡେଣ୍ଟ ଦଳ ପକ୍ଷରୁ ଦିନା ଦାସ ୩.୩ ଓଭରରେ ୨୨ ରନ ଦେଇ ୪ ଓ ସତ୍ୟକାନ୍ତ ଭରଦ୍ୱାଜ ୪ ଓଭରରେ ୧୫ରନ ଦେଇ ୩ ୱିକେଟ ଅକ୍ତିଆର କରିଥିଲେ। ରାଇଜିଂ ଷ୍ଟୁଡେଣ୍ଟ ଦଳର ଅତୁଲ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଅମ୍ପାୟର ତପନ ବେହେରା ଓ ବିଭୁ ଚୌଧୁରୀ ମ୍ୟାଚ୍ ପରିଚାଳନା କରିଥିଲେ। ଜିତେନ୍ଦ୍ର କୁମାର ସେନାପତି ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ସୁଦୀପ ପଣ୍ଡା ଓ ପ୍ରେମାନନ୍ଦ ମହାନ୍ତ ଧାରାବିବରଣୀ ପ୍ରଦାନ କରିଥିଲେ। ବିଶିଷ୍ଟ ସମାଜସେବୀ ତଥା ମିଳିତ ବଜାର ପୂଜା କମିଟି ସଭାପତି ରାମଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଓ ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମ୍ୟାଚର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବରିଷ୍ଠ ଖେଳାଳି ମନୋଜ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରୟାସ ଅନୁଷ୍ଠାନ ପକ୍ଷରୁ ଆଇନଜୀବୀ ନବକିଶୋର ଗୁରୁ, ରଞ୍ଜିତ ବିଶାଳ, ଏମଜେ ମହିମା, ଅଭିମନ୍ୟୁ ପଣ୍ଡା, ସୁଚିତ୍ର ବେହେରା, ଧ୍ରୁବଚରଣ ସ୍ୱାଇଁ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରୁଛନ୍ତି। ବୁଧବାର ଏମ୍‌ଏମସିସି ସମ୍ବଲପୁର ଓ ରାଇଜିଂ କ୍ରିକେଟ ଏକାଡେମୀ ରାଜସ୍ଥାନ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

## ଗହୀରମଥାରୁ ଟ୍ରଲର ଜବତ: ୬ ମତ୍ସ୍ୟଜୀବୀ ଗିରଫ

ରାଜନଗର,୧୮ ।୨(ସମିସ): ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ୍ ଗୋଟିଏ ଟ୍ରଲର



ଜବତ କରିବା ସହ ଏଥିରେ ଥିବା ୬ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି । ଗହୀରମଥା ରେଞ୍ଜ ଦାୟିତ୍ୱ ଥିବା ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ପ୍ରଫୁଲ କୁମାର ମାଝୀଙ୍କ ନେତୃତ୍ୱରେ ବନ ବିଭାଗର ପାଟ୍ରୋଲିଂ ଟିମ୍ ବରୁଣେଇ ନିକଟରେ ଭାରତମାତା-୨ ନାମକ ଟ୍ରଲରକୁ ଜବତ କରିଥିଲେ । ଜବତ ଟ୍ରଲରରୁ ୫୦ କେଜି ମାଛ, ୧ଟି ଜିପିଏସ,୧ଟି ଭିଏଚଏଫ ଓ ୩୩ ଟି କାଣିଜାଲ ଜବତ କରାଯାଇଛି । ଟ୍ରଲର ଥିବା ମତ୍ସ୍ୟଜୀବୀ ମାନେ ହେଲେ ହରିପଦ ମଣ୍ଡଳ,ଗୋବିନ୍ଦ ବେରା, ଦୀନବନ୍ଧୁ ବର୍ମନ,ବିକୁରାମ ମଣ୍ଡଳ,ଲକ୍ଷଣ ମଣ୍ଡଳ,ତରୁଣ ମଣ୍ଡଳ ପ୍ରମୁଖ ୬ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ନେଇ ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଗିରଫ ମତ୍ସ୍ୟଜୀବୀମାନେ କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡ଼ା ଓ ୱେଷ୍ଟବେଙ୍ଗଲର ଉତ୍ତର ୨୪ ପ୍ରଗଣା ଅଞ୍ଚଳର ବୋଲି ଜଣାପଡିଛି ।

## ପାରାଦୀପ ବନ୍ଦରର ବାର୍ଷିକ ପୁଷ୍ପ ପ୍ରଦର୍ଶନୀ

ପାରାଦୀପ,୧୮ ।୨(ସମିସ): ପାରାଦୀପ ବନ୍ଦର ପ୍ରାଧୀକରଣ ଆରଆଣ୍ଡବି ବିଭାଗ ପକ୍ଷରୁ ୩୯ ତମ ପୁଷ୍ପ ପ୍ରଦର୍ଶନୀ ପାରାଦୀପ ପୋର୍ଟ ଅଫିସର୍ସ କ୍ଲବ ପରିସରରେ ମଙ୍ଗଳବାର ଦିନ ଆୟୋଜିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପୁଷ୍ପ ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ ।ସେ କହିଥିଲେ ଯେ ଏହି ପ୍ରଦର୍ଶନୀ ର ମୂଳ ଲକ୍ଷ୍ୟ ପାରାଦୀପ ସହରକୁ ସବୁଜ ଓ ସୌନ୍ଦର୍ଯ୍ୟ ବୃଦ୍ଧି କରିବା ଏବଂ ଏହି କାର୍ଯ୍ୟ ପାରାଦୀପର ଅଠରବାଙ୍କୀ ଠାରୁ ୪ ନମ୍ବର ଗେଟ ପର୍ଯ୍ୟନ୍ତ ଦ୍ରୁତ ଗତିରେ ଆଗେଇଚାଲିଛି । ସେହିପରି ଓଏଫଡ଼ିସି ସହାୟତାରେ ପ୍ରତିବର୍ଷ ବନ୍ଦରାଞ୍ଚଳରେ ଏକ ଲକ୍ଷ ବୃକ୍ଷ ଚାରା ରୋପଣ କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ବନ୍ଦରାଧ୍ୟକ୍ଷ ଶ୍ରୀ ହରନାଦ ସୂଚନା ଦେଇଥିଲେ ।ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦଶଗୁପ୍ତା ଓ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ ।ଏହି ପ୍ରଦର୍ଶନୀରେ ବନ୍ଦର କର୍ମଚାରୀ, ବ୍ୟବହାରକାରୀ, ସ୍ଥାନୀୟ ମାଳି, ଫୁଲ ଚାଷୀ ଙ୍କ ସମେତ ୧୩୫ ଜଣ ପ୍ରତିଯୋଗୀ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ । ବିଭିନ୍ନ ଷ୍ଟଲରେ ପ୍ରାୟ ୪୮ ପ୍ରକାରର ବିଭିନ୍ନ କିସମର ଫୁଲ, ବୃକ୍ଷ, ଆକର୍ଷଣୀୟ ବାଙ୍ଗରା ବୃକ୍ଷ, ପତ୍ର ସମୂହ ଲତା,ପରିବା ଇତ୍ୟାଦି ପ୍ରଦର୍ଶିତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ସନ୍ଧ୍ୟାରେ ଅଫିସର୍ସ କ୍ଲବ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ ଏବଂ ଉପାଧ୍ୟକ୍ଷ ଶ୍ରୀ ଦାସଗୁପ୍ତା ପୁଷ୍ପ ପ୍ରଦର୍ଶନୀ ବିଭିନ୍ନ ବର୍ଗରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

## ଦୁଇଟି ବାଇକ୍ ଜାଳିଦେଲେ ଦୁର୍ବୃତ୍ତ

କୁଜଙ୍ଗ,୧୮ ।୨(ସମିସ): କୁଜଙ୍ଗ ଥାନା ଅଗପାଳ ପଞ୍ଚାୟତ କଳଦିପ ଗ୍ରାମରେ ଗତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି । ଏହି ଗ୍ରାମର ସରୋଜ କୁମାର ବେହେରାଙ୍କ ଘରେ ଥିବା ଦୁଇଟି ବାଇକ୍ କେହି ଦୁର୍ବୃତ୍ତ ପୋଡି ଦେଇଥିବା କୁଜଙ୍ଗ ଥାନାରେ ଅଭିଯୋଗ ହୋଇଛି । ବିଳମ୍ବିତ ରାତିରେ କହି ଦୁର୍ବୃତ୍ତ ପେଟ୍ରୋଲ କିମ୍ବା ଅନ୍ୟ କିଛି ପକାଇ ନିଆଁ ଲଗାଇ ଦେଇଥିବା ଆଶଙ୍କା କରାଯାଉଛି । ଓଡ଼ି ୨୧ଏ ୫୦୧୧, ଓଡି ୨୧ ବି ୨୧୧୧ ଦୁଇଟି ମେରୁନ ଓ ଲାଲ୍ ରଙ୍ଗର ହିରୋ ଗ୍ଲାମର ବାଇକ୍ ପୋଡ଼ି ଯାଇଛି । ଏହି ସମୟରେ ସରୋଜ ତାଙ୍କ କାମରେ ପାରାଦୀପରେ ଥିବା ବେଳେ ତାଙ୍କ ଭାଇ ମଧ୍ୟ ମାମୁଁ ଘରେ ଥିଲେ । ବୃଦ୍ଧ ବାପା ନଟବର ବେହେରା ଓ ମା'ଘରେ ଥିଲେ । ଏହି ଘଟଣା ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି ।ପୁଲିସ ଏହାର ତଦନ୍ତ କରୁଥିବା ସୂଚନା ମିଳିଛି ।

## ପ୍ରାଥମିକ ଶିକ୍ଷକ ସଂଘର ଆନ୍ଦୋଳନ ଦ୍ୱିତୀୟ ଦିନରେ

ତିର୍ତ୍ତୋଲ, ୧୮ ।୨(ସମିସ): ତିର୍ତ୍ତୋଲ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ଦ୍ୱିତୀୟ ଦିନରେ ଜାରି ରହିଛି । ଆଜି ଅପରାହ୍ନ ୪ ଟାରେ ତିର୍ତ୍ତୋଲ ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ତିର୍ତ୍ତୋଲ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଏକତ୍ର ହୋଇ ବ୍ଲକ ବିଇଓ କାର୍ଯ୍ୟାଳୟରେ ପୁନଃ ନିଯୁକ୍ତି ପାଇଥିବା ମଧ୍ୟାହ୍ନ ଭୋଜନ ଡାଟା ଏଣ୍ଟ୍ରି ଅପରେଟରର ପୁନଃ ନିଯୁକ୍ତିର ପ୍ରତିବାଦ କରିଥିଲେ । ଦୁର୍ନୀତି ଅଭିଯୋଗରେ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ନିଯୋଜନ ସଂସ୍ଥା ଛଟେଇ କରିଥିବାବେଳେ ପୁଣି କେମିତି ତାଙ୍କର ପୁନଃ ନିଯୁକ୍ତି ହେଲା ବୋଲି ପ୍ରଶ୍ନ କରି ଏହାର ପ୍ରତିବାଦ କରିଥିଲେ । ତୁରନ୍ତ ତାଙ୍କର ପୁନଃ ନିଯୁକ୍ତି ପ୍ରତ୍ୟାହାର କରାଯାଉ ବୋଲି ଦାବି କରିଥିଲେ ।ସଂଘ ସଭାପତି ଅକ୍ଷୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ସଂଘର ସମ୍ପାଦକ ସେଖ ଅମ୍ମାନୁଲାଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ସାମିଲ ହୋଇଥିଲେ ।ଆଗାମୀ ଦିନରେ ସଂଘର କାର୍ଯ୍ୟପନ୍ଥା କଣ ହେବ ସେ ସମ୍ପର୍କରେ ଆଲୋଚନା କରିଥିଲେ ।

## ମହାକୁମ୍ଭରୁ ଫେରିବା ବେଳେ ଦୁର୍ଘଟଣା ମୃତ୍ୟୁ



ରାଜକନିକା,୧୮ ।୨(ସମିସ): ରାଜକନିକାର ତରାସ ଗାଁର ଦିଗମ୍ବର ନାୟକ (୫୭) ଗତକାଲି ରାତିରେ ମହାକୁମ୍ଭରୁ ବୁଡ଼ ପକାଇ ବନ୍ଧୁ ବଡ଼ାଗର ଗାଁର ବସନ୍ତ ବିଶ୍ୱାଳଙ୍କ ସହ ଏକ କାରରେ ଫେରୁଥିବା ବେଳେ ବାଟରେ ଏକ ଦୁର୍ଘଟଣା ରେ ପ୍ରାଣ ହରାଇଛନ୍ତି । ନିଜ ସ୍ତ୍ରୀକୁ ସାଙ୍ଗରେ ନେଇ ମହାକୁମ୍ଭ ଭଳି ପବିତ୍ର ତୀର୍ଥରୁ ଫେରୁଥିବା ବେଳେ ଜୀବନହାନି ହେବା ଭଳି ଦୁଃଖଦ ଖବର ରାଜକନିକାରେ ଶୋକ ଖେଳାଇ ଦେଇଛି ।

**କେନ୍ଦ୍ରାପଡ଼ାରେ +୨ ପରୀକ୍ଷା ଆରମ୍ଭ**

# ୮ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୭୧୮ ଜଣ ପରୀକ୍ଷାର୍ଥୀ

କେନ୍ଦ୍ରାପଡ଼ା,୧୮ ।୨(ସମିସ):



କେନ୍ଦ୍ରାପଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରୀକ୍ଷା କେନ୍ଦ୍ରରେ ଅନ୍ୟ ୭ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମେତ ମୋଟ ୮ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୭୧୮ ଜଣ ପରୀକ୍ଷାର୍ଥୀ ଅଛନ୍ତି । ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ଲୋଟସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୬୯ ଜଣ, ଆରଏନଏମ. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୦ଜଣ, ତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୨୫ଜଣ, କେ.ଆର.ଏସ. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୪୮ ଜଣ, ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୩ଜଣ, ଓମ୍‌ଶାନ୍ତି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୩ଜଣ ଓ ଡଲଫିନ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୦ଜଣ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ସମେତ କେନ୍ଦ୍ରାପଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୨୯୦ଜଣ ପରୀକ୍ଷାର୍ଥୀ ଅଛନ୍ତି । କେନ୍ଦ୍ରାପଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ମୋଟ ୧୫ଟି ହଲରେ ଏହି ପରୀକ୍ଷା ପାଇଁ ବ୍ୟବସ୍ଥା ହୋଇଥିବା ବେଳେ ମଙ୍ଗଳବାର ପରୀକ୍ଷାର ପ୍ରଥମ ଦିନରେ ବିଜ୍ଞାନ ବିଭାଗ ପରୀକ୍ଷାର୍ଥୀଙ୍କ ସାହିତ୍ୟ (ଓଡିଆ) ବିଷୟରେ ୧୩ଟି ହଲରେ ମୋଟ ୮୪୭ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି । ଏଥିମଧ୍ୟରୁ କେନ୍ଦ୍ରାପଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୬୨ଜଣ ଛାତ୍ରଛାତ୍ରୀ ଥିବା ବେଳେ ଅନ୍ୟ ୭ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୮୫ଜଣ ଛାତ୍ରଛାତ୍ରୀ ଅଛନ୍ତି । ଆଜିର ପରୀକ୍ଷା ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଥିବା +୨ ପରୀକ୍ଷା ଦାୟୀତ୍ୱରେ ଥିବା ଭାରପ୍ରାପ୍ତ ପ୍ରଫେସର ଡ. ବାସନ୍ତୀ ଶୁକ୍ଳା କହିଛନ୍ତି । କେନ୍ଦ୍ରାପଡା ସ୍ୱଙ୍ଗ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅଭିଜିତ ବୋଷଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପରୀକ୍ଷା ପରିଚାଳନା ପାଇଁ ୪୭ଜଣ ଇନ୍‌ଭିଜିଲେଟରଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ପ୍ରଫେସର ଅଶୋକ କୁମାର ମିଶ୍ର ପରୀକ୍ଷା କେନ୍ଦ୍ର ଅଧୀକ୍ଷକ, ପ୍ରଫେସର ଡ. ରେବତୀ କର, ପ୍ରଫେସର ସତ୍ୟରଞ୍ଜନ ମିଶ୍ର, ପ୍ରଫେସର ବିକାଶ କୁମାର ନାୟକ, ପ୍ରଫେସର ସଂଯୁକ୍ତା ସେଠୀ ପ୍ରମୁଖ ଉପ ଅଧୀକ୍ଷକ ଭାବେ କାର୍ଯ୍ୟ ନିର୍ବାହ କରୁଛନ୍ତି । ଏହାବ୍ୟତିତ କେନ୍ଦ୍ରାପଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୨ ପରୀକ୍ଷା ପ୍ରଶ୍ନପତ୍ର ରଖାଯିବା ନିମନ୍ତେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଏକ ପ୍ରଶ୍ନପତ୍ର ହବ ପ୍ରତିଷ୍ଠା କରାଯାଇଛି । ଏହି ହବ ଅଧିନରେ କେନ୍ଦ୍ରାପଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଇନ୍ଦୁପୁର ବିରୂପା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ନିକିରାଇ ବୀରହନୁମାନଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ତୁଳସୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,କେନ୍ଦ୍ରାପଡା ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଆୟବା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାଲିଆ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଡେରାବିଶ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଚାନ୍ଦୋଳ ହୃଦୟାନନ୍ଦ ନାୟକ ସ୍ମାରକୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡେରାବିଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭଳି ୮ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି । ଏଠାରୁ ପ୍ରତ୍ୟେକ ଦିନ ଏହିସବୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ କଡା ସୁରକ୍ଷା ବଳୟ ମଧ୍ୟରେ ପ୍ରଶ୍ନପତ୍ର ପଠାଯାଉଥିବା ହବ ଦାୟୀତ୍ୱରେ ଥିବା ପ୍ରଫେସର ଡ. ବାସନ୍ତୀ ଶୁକ୍ଳା କହିଛନ୍ତି । ଏହି ହବ୍‌ର ସୁପରଭାଇଜର ଭାବେ ପ୍ରଫେସର ଡ. ପୂର୍ଣ୍ଣମାସୀ ପଣ୍ଡା ରହିଥିବା ବେଳେ ଡେପୁଟୀ ସୁପରଭାଇଜର ଭାବେ ପ୍ରଫେସର ସୁବ୍ରତ କୁମାର ପାତ୍ର ଅଛନ୍ତି ।

## ଜିଲ୍ଲା କୋଷାଗାର ତରଫରୁ ସ୍ୱାସ୍ଥ୍ୟ ଶିବିର




କେନ୍ଦ୍ରାପଡା,୧୮ ।୨(ସମିସ): କେନ୍ଦ୍ରାପଡା ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଅନୁରୋଧ କ୍ରମେ ଜିଲ୍ଲା କୋଷାଗାର ତରଫରୁ ପେନ୍‌ସନ୍‌ଭୋଗୀଙ୍କ ନିମନ୍ତେ ଏକ ସ୍ୱାସ୍ଥ୍ୟ ଶିବିର କୋଷାଗାର କାର୍ଯ୍ୟାଳୟ ପରିସରରେ ଆୟୋଜନ କରାଯାଇଥିଲା । ଏହି ସ୍ୱାସ୍ଥ୍ୟ ଶିବିରକୁ ଜିଲ୍ଲା କୋଷାଗାର ଅଧିକାରୀ ପ୍ରମୋଦ କୁମାର ରାଉତ ଉଦ୍‌ଘାଟନ କରିଥିଲେ । କେନ୍ଦ୍ରାପଡା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅତିରିକ୍ତ ପ୍ରୋଗ୍ରାମ ମ୍ୟାନେଜର ମମତା ଦାସଙ୍କ ତତ୍ତ୍ୱାବଧାନରେ ଡାକ୍ତର ମିର୍ଜା ବାବର ବେଗ୍, ଡାକ୍ତର ସନ୍ଦୀପ ମହାନ୍ତି ଓ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ ଏବଂ ଟେକ୍‌ନିସିଆନ୍‌ଙ୍କ ସହଯୋଗରେ ଶତାଧିକ ବରିଷ୍ଠ ନାଗରିକ ତଥା ପେନ୍‌ସନ୍‌ଭୋଗୀଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ଦେଇଥିଲେ । ପେନ୍‌ସନ୍‌ଭୋଗୀଙ୍କ ନିମନ୍ତେ ସ୍ୱାସ୍ଥ୍ୟ ଶିବିର ଆୟୋ।ଜନ କରାଯାଇଥିବାରୁ ଜିଲ୍ଲା କୋଷାଗାର ଅଧିକାରୀ ଏବଂ ଡାକ୍ତରମାନଙ୍କୁ ସଂଘ ତରଫରୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଶିବିର ପରିଚାଳନାରେ ସଂଘ ତରଫରୁ ହେମନ୍ତ କୁମାର ଜେନା, ବ୍ରଜକିଶୋର ଜେନା, ରବିନ୍ଦ୍ରନାଥ ରଥ, ତ୍ରୈଲୋକ୍ୟ ଚରଣ ସ୍ୱାଇଁ, ବିଜୟ କୁମାର ଦାସ, ମହମ୍ମଦ ଜାହିଦ୍ ଏବଂ କୋଷାଗାର କାର୍ଯ୍ୟାଳୟ ତରଫରୁ ସତ୍ୟରଞ୍ଜନ ନାୟକ, ସୁକାନ୍ତ କୁମାର ବେହେରା, ଅବିନାଶ ରଥ, ପ୍ରିୟଦର୍ଶିନୀ ସାହୁ, ଅକ୍ଷୟ, ମନୋଜ, ଗୁରୁଚରଣ, ସୌଭାଗ୍ୟ ପ୍ରମୁଖ ସହଯୋଗ କରିଥିଲେ ।

## ପୋଖରୀଆପଡ଼ା ସ୍କୁଲରେ 'ନିପୁଣ ମେଳା'

ପଟ୍ଟାମୁଣ୍ଡାଇ,୧୮ ।୨(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ପୋଖରୀଆ ପଡା କ୍ଲଷ୍ଟର ପକ୍ଷରୁ ପୋଖରୀଆ ପଡା ନୋଡାଲ ସ୍କୁଲ ଠାରେ 'ନିପୁଣ ଓଡ଼ିଶା' ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ସାଧନକେନ୍ଦ୍ର ସଂଯୋଜକ ମଳୟ ଜେନାଙ୍କ ପୌରହିତ୍ୟରେ ଆୟୋଜିତ ନିପୁଣ ମେଳା କାର୍ଯ୍ୟକ୍ରମର ଉଦଘାଟନ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ହରିହର ଦଳାଇ ମୁଖ୍ୟଅତିଥି,ରାଜ୍ୟ ପୁରସ୍କୃତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା,ଜିଲ୍ଲା ସାମ୍ବାଦିକ ୟୁନିୟନ ଉପସଭାପତି ଅକ୍ଷୟ ସାହୁ , ସିଆରସିସି ଅରବିନ୍ଦ ବଳ, ପୋଖରୀଆପଡା ନୋଡାଲ ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଆରତୀ ଦାସ, ସିଆରସିସି ନମିତା ସାହୁ ଓ ଲୋକନାଥ ନାୟକ, ସ୍କୁଲ ପରିଚାଳନା କମିଟି ସଭାପତି ଲୋକନାଥ ବେହେରା, ମୋ ସ୍କୁଲ ଅଭିଯାନ କମିଟି ସଭାପତି ହର ଗୋବିନ୍ଦ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିପୁଣ ମେଳାର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।ସହକାରୀ ଶିକ୍ଷକ ଅଜୟ ସ୍ୱାଇଁ ସ୍ୱାଗତଭାଷଣ ଓ ବୀର କିଶୋର ସାହୁ ଅତିଥିପରିଚୟ ପ୍ରଦାନ କରିଥିଲେ ।ଶେଷରେ ସହକାରୀ ଶିକ୍ଷୟିତ୍ରୀ ସଂଗୀତା ବେହେରା ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଅଦୈତ ବିଶ୍ୱାଳ, ସୁଚିତ୍ରା ଗୁପ୍ତା, ଇମିଲି ରାୟ ଓ ସୁରେନ୍ଦ୍ର ମଲିକ ପରିଚାଳନା କରିଥିଲେ । ପୋଖରୀଆପଡା କ୍ଲଷ୍ଟର ସିଆରସିସି ମଳୟ କୁମାର ଜେନାଙ୍କ ପୌରହିତ୍ୟରେ ଆୟୋଜିତ ଉଦଯାପନୀ ଉତ୍ସବରେ ୧୪ନଂ ୱାର୍ଡ କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ ମୁଖ୍ୟଅତିଥି,ସିଆରସିସି ରଞ୍ଜନ ସାହୁ ମୁଖ୍ୟବକ୍ତା,ଶିକ୍ଷକନେତା ବିଶ୍ୱ ରଞ୍ଜନ ଦାଶ ଓ ସିଆରସିସି ଆଶିଷ ମହାପାତ୍ର ସମ୍ମାନିତଅତିଥି ଭାବେ ଯୋଗ ଦେଇଥିଲେ ।ସହକାରୀ ଶିକ୍ଷକ ରଞ୍ଜିତ ସାହୁ ସ୍ୱାଗତଭାଷଣ ଓ ମନୋରଞ୍ଜନ ଦାଶ ଅତିଥିପରିଚୟ ପ୍ରଦାନ କରିଥିଲେ । ଶେଷରେ ମଧୁସ୍ମିତା ପରିଡା ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଗୋଦାବରୀଶ ମିଶ୍ର, ସାଇ ଶୁଭଲକ୍ଷ୍ମୀ ରଥ, କ୍ରିଷ୍ଣା ବେଣୀ କର, କବିତା ସାହୁ, ଅଞ୍ଜଳି ଦାଶ ପୂର୍ଣ୍ଣପ୍ରଭା ପ୍ରଧାନ, ଅନ୍ନପୂର୍ଣ୍ଣା ସାହୁ ପରିଚାଳନା କରିଥିବାବେଳେ ସମିତାରାଣୀ ଦାସ, ଅନୁସୂୟା ଦାସ,ପ୍ରଭାତୀ ଦାସ, ବନଜା ପାତ୍ର, ଜୟଶ୍ରୀ ଦାସ ଓ ଅକ୍ଷୟ ମହାନ୍ତି ପରିଚାଳନାରେ ସହଯୋଗ କରିଥିଲେ । ଏହି ନିପୁଣ ମେଳାରେ ପୋଖରୀଆପଡା କ୍ଲଷ୍ଟର ଅନ୍ତର୍ଗତ ୧୩ଟି ବିଦ୍ୟାଳୟ ରୁ ୧୩୦ ଜଣ ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ । ଏଥିରେ ସାକ୍ଷରତା, ସଂଖ୍ୟା ଜ୍ଞାନ, ମତାମତ ସୃଜନାତ୍ମକ, ଗଳ୍ପ କଥନ, ଚିତ୍ରାଙ୍କନ, ୱାର୍ଡଚେନ, ଶିକ୍ଷଣ ସାମଗ୍ରୀ ମେଳା ଆଦି ୧୩ଟି ଷ୍ଟଲ ପ୍ରଦର୍ଶିତ ହୋଇଥିଲା ।ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

## ଯାତ୍ରୀବାହୀ ବସ୍‌ରେ ସଠିକ୍ ଟିକେଟ୍ ବ୍ୟବସ୍ଥା ପାଇଁ ଦାବି

ଜଗତସିଂହପୁର,୧୮ ।୨(ସମିସ): ରାଜ୍ୟର ଉପଭୋକ୍ତାମାନଙ୍କୁ ସଚେତନ କରାଇବା ସହିତ ସେମାନଙ୍କର ସ୍ୱାର୍ଥ ସୁରକ୍ଷା ପାଇଁ ଗଠିତ ଓଡିଶା ଉପଭୋକ୍ତା ସୁରକ୍ଷା ଅଭିଯାନ ତରଫରୁ ଘରୋଇ ଯାତ୍ରୀବାହୀ ବସ୍ ମାନଙ୍କରେ ସଠିକ୍ ଟିକେଟ୍ ବ୍ୟବସ୍ଥା ଲାଗୁ କରିବାକୁ ଦାବି କରାଯାଇଛି । ପ୍ରାୟତଃ ବସ୍ ମାନଙ୍କରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ବୈଧ ଟିକେଟ୍ ଦିଆଯାଉନାହିଁ । ଯାତ୍ରୀ ଯଦି ବାଧ କରେ ତେବେ ଖଣ୍ଡେ ଚିରୁକୁଟି ଭଳି କାଗଜ ଧରାଇ ଦେଉଛନ୍ତି ବସ୍ କଣ୍ଡକ୍ଟର । ଯେଉଁ ଟିକେଟ୍ ଦିଆଯାଉଛି ସେଥିରେ ବସ୍ ନମ୍ବର,କିଲୋମିଟର,ତାରିଖ,ଗନ୍ତବ୍ୟ ସ୍ଥଳ ବିବରଣୀ ଏବଂ କେତେଜଣ ଯାତ୍ରୀ ତଥା ମୂଲ୍ୟ ସମ୍ପର୍କରେ ସୂଚନା ରହୁନାହିଁ । ସେହିପରି ଅନେକ ସମୟରେ ବସ୍ କର୍ମଚାରୀ ନିର୍ଦ୍ଧାରିତ ମୂଲ୍ୟ ଠାରୁ ଅଧିକ ଅର୍ଥ ନେଉଥିବା ଯାତ୍ରୀମାନେ ଅଭିଯୋଗ କରୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ଓଡିଶା ଉପଭୋକ୍ତା ସୁରକ୍ଷା ଅଭିଯାନ ତରଫରୁ ସମସ୍ତ ଘରୋଇ ବସ୍‌ରେ ଯାତ୍ରୀମାନଙ୍କୁ ଟିକେଟ୍ ଦେବା ବାଧ୍ୟତାମୂଳକ କରାଯାଉ ବୋଲି ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ପରିବହନ କର୍ତ୍ତୃପକ୍ଷ, କଟକଙ୍କୁ ଲିଖିତ ଭାବେ ନିବେଦନ କରାଯାଇଛି । ସେହିପରି ରାଜ୍ୟର ବିଭିନ୍ନ ସ୍ଥାନରେ ଚାଲୁଥିବା 'ମୋ ବସ୍'ରେ ପ୍ରଚଳିତ ଟିକେଟ୍ ବ୍ୟବସ୍ଥା ସମସ୍ତ ଘରୋଇ ଯାତ୍ରୀବାହୀ ବସ୍‌ରେ ପ୍ରଚଳନ କରିବାକୁ ଉପଭୋକ୍ତା ସୁରକ୍ଷା ଅଭିଯାନର ସଭାପତି ବିଜୟ ମହାନ୍ତି,ସଂପାଦକ ଗୋବିନ୍ଦ ଓଝା,କୋଷାଧ୍ୟକ୍ଷ ହୃଷିକେଶ ପଣ୍ଡା,ଉପ-ସଭାପତି ପ୍ରସନ୍ନ ମିଶ୍ର,ଜିଲ୍ଲା ଆବାହକ ନିରଞ୍ଜନ ବାରିକ ଏବଂ ସଂଯୋଜିକା ବିଜୟଲକ୍ଷ୍ମୀ ମହାପାତ୍ର ପ୍ରମୁଖ ମୁଖ୍ୟମନ୍ତ୍ରୀ ଓ ପରିବହନ ବିଭାଗକୁ ଅନୁରୋଧ କରିଛନ୍ତି ।

## ମଦନପୁର ମହାବୀର ହାଇସ୍କୁଲ ୧୯୭୭ ବ୍ୟାଚର ସମାବେଶ



ପଟ୍ଟାମୁଣ୍ଡାଇ ,୧୮ ।୨(ସମିସ): ମଦନପୁର ମହାବୀର ହାଇସ୍କୁଲ ୧୯୭୭ ବ୍ୟାଚ ପ୍ରାକ୍ତନ ଛାତ୍ରଛାତ୍ରୀଙ୍କୁ ନେଇ ଏକ ବନ୍ଧୁମିଳନ ଉତ୍ସବ ମଦନପୁର ହାଇସ୍କୁଲ ପରିସରରେ ପ୍ରାକ୍ତନ ଛାତ୍ର ପ୍ରାଧ୍ୟାପକ ରବୀନ୍ଦ୍ର କୁମାର ପରିଡାଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ତତ୍କାଳିନ ସମସ୍ତ ଶିକ୍ଷକ ଓ କର୍ମଚାରୀ ତଥା ବର୍ତ୍ତମାନର ପ୍ରଧାନ ଶିକ୍ଷକ ବିଶିଷ୍ଟ ଅତିଥି ରୂପେ ଯୋଗଦାନ କରିଥିଲେ ।ପ୍ରାରମ୍ଭରେ ମହ ମହାପୁରୁଷ ମାନଙ୍କ ମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବାପରେ ଦିବଙ୍ଗତ ଶିକ୍ଷକ ଓ ସହପାଠୀ ମାନଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା । ଉପସ୍ଥିତ ସ୍ଥିତ ପ୍ରାକ୍ତନଛାତ୍ରଛାତ୍ରୀମାନେ ଦୀର୍ଘ ୪୮ ବର୍ଷପରେ ଏକାଠି ହୋଇ ସେମାନଙ୍କର ଆଦ୍ୟ ଜୀବନର ଅନୁଭବ ବୟାନ କରିବା ସହିତ ଅତୀତର ସ୍ମୃତି ରୋମନ୍ଥନ କରିଥିଲେ ।ପ୍ରାକ୍ତନ ଶିକ୍ଷକ ନାରାୟଣ ଚନ୍ଦ୍ର ସୂତାର, ଶଶଧର ସ୍ୱାଇଁ, କପିଳେନ୍ଦ୍ର ନାଥ, ଗଗନ ବିହାରୀ ପଣ୍ଡା, ଶିବପ୍ରସାଦ ବେହେରା, ଶିବ ପ୍ରସାଦ ନାଥ ଓ ବର୍ତ୍ତମାନର ପ୍ରଧାନ ଶିକ୍ଷକ ବିଜୟ କୁମାର ବେହେରା ପ୍ରମୁଖ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ଉତ୍ସବକୁ ପ୍ରଶଂସା କରିବା ସହିତ ଛାତ୍ରଛାତ୍ରୀଙ୍କର ଆଗାମୀ ଜୀବନର ସୁଖ, ଶାନ୍ତି ପାଇଁ କାମନା କରିଥିଲେ ଓ ସଭାର ପ୍ରାରମ୍ଭ ଓ ଶେଷରେ ଛାତ୍ର ବୈକୁଣ୍ଠ ଚରଣ ସ୍ୱାଇଁ ସଙ୍ଗୀତ ପରିବେଷଣ କରି ଏକ ଭିନ୍ନ ପରିବେଶ ସୃଷ୍ଟି କରିଥିଲେ ।ସଭାରେ ଶିକ୍ଷକ ଓ କର୍ମଚାରୀ ମାନଙ୍କୁ ଅଙ୍ଗବସ୍ତ୍ର ଓ ଅନ୍ୟାନ୍ୟଉପହାର ପ୍ରଦାନ ପୂର୍ବକ ସମ୍ମାନୀତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଜୟ କୁମାର ସାହୁ, ଶତ୍ରୁଘ୍ନ ସିଂହ, ଅଭୟ କୁମାର ବେହେରା, ମଳୟ କୁମାର ମହାରଣା, ରାଜ କିଶୋର ବାରିକ୍, ଧରଣୀଧର ସାହୁ, ତ୍ରିଲୋଚନ ରାଉତ, ସରୋଜିନୀ ରାଉତରାୟ, ଅମୀୟବାଳା ନାୟକ, ପ୍ରଭୃତି ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଅନନ୍ତ ଚରଣ ପାତ୍ର, ରଞ୍ଜିତ ମହାନ୍ତି, ଅକ୍ଷୟ ସ୍ୱାଇଁ, କାଳନ୍ଦୀ ପ୍ରଧାନ, ସରୋଜ ମହାନ୍ତି, ଅକ୍ଷୟ ରାଉତ, ଜୟାନିଧି ସାହୁ, ଅଭିମନ୍ୟୁ ରାଉତ, ମୁକ୍ତିକାନ୍ତ ମହାନ୍ତି, ଅନିରୁଦ୍ଧ ବେହେରା, ପ୍ରଦୀପ ସାହୁ, ରବୀନ୍ଦ୍ର ଖଣ୍ଡୁଆଳ, ଧ୍ରୁବ ଚରଣ ବାରିକ ପ୍ରମୁଖ ପରିଚାଳନା କରିଥିଲେ ।

**ସିୱେଜ ସିପିଙ୍ଗ୍ କମ୍ପାନୀ କାର୍ଯ୍ୟାଳୟ ରେ ଶ୍ରମିକମାନେ ତାଲା ପକାଇବା ଘଟଣା**

# ତାଲା ଖୋଲିବାକୁ ଆସି ଶାଖା ପରିଚାଳକ ହଟହଟା

ପାରାଦୀପ,୧୮ ।୨ (ସମିସ) :

ସିୱେଜ ସିପିଙ୍ଗ କମ୍ପାନୀ ର ଶାଖା ପରିଚାଳକ ମନୋଜ ପ୍ରଧାନ ଆଜି କମ୍ପାନୀ କାର୍ଯ୍ୟାଳୟ ତାଲା ଖୋଲିବାକୁ ଆସି ହଟହଟା ର ଶିକାର ହୋଇଛନ୍ତି ।କମ୍ପାନୀର ୨୩ ଜଣ କର୍ମଚାରୀ ଆଜକୁ ୭ ଦିନ ହେବ ଦିନରାତି ଭୋକ ଉପାସରେ କମ୍ପାନୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିରହିଛନ୍ତି । ହେଲେ ଆଜି ପର୍ଯ୍ୟନ୍ତ କୌଣସି କମ୍ପାନୀ କର୍ତ୍ତୃପକ୍ଷ ଆସି ନଥିଲେ । ଆଜି ସକାଳ ୯ ଟାରେ ଶାଖା ପରିଚାଳକ ଶ୍ରୀ ପ୍ରଧାନ ଙ୍କ ସହିତ ଏଡିପି ଏସ ଶଙ୍କର ଓ କିଛି କର୍ମଚାରୀ ଆସି ପହଞ୍ଚି କାର୍ଯ୍ୟାଳୟର ତାଲ ଖୋଲିବାକୁ କହିବାରୁ ଧାରଣା ରତ କର୍ମଚାରୀ ବକେୟା ଦରମା ନ ଦେଲେ ତାଲା ଖୋଲାଯିବ ନାହିଁ ବୋଲି ରୋକଠୋକ ଜଣାଇଦେଇଥିଲେ ।ପରେ ଶାଖା ପରିଚାଳକ ଶ୍ରୀ ପ୍ରଧାନ ଆଡିସିନାଲ ଏସ୍‌ପିଙ୍କୁ ଭେଟି ସମସ୍ତ କଥା ଜଣାଇବା ପରେ ଆଡିସିନାଲ ଏସ୍‌ପି ଙ୍କ ନେତୃତ୍ୱରେ ଏକ ଆଲୋଚନା ହୋଇଥିଲା ।କମ୍ପାନୀ କର୍ତ୍ତୃପକ୍ଷ ଆଜି ସୁଦ୍ଧା ଗୋଟେ ମାସର ଦରମା ଦେବାପାଇଁ ରାଜି ହୋଇଥିଲେ



ଓ ପରେ ଆଲୋଚନା କରାଯାଇ କାର୍ଯ୍ୟାଳୟ ଖୋଲା ଯିବା ନେଇ ସ୍ଥିର ହୋଇଥିଲା ।ହେଲେ ପ୍ରତିଶ୍ରୁତି ଅନୁସାରେ କମ୍ପାନୀ ପକ୍ଷରୁ ସନ୍ଧ୍ୟା ସୁଦ୍ଧା କୌଣସି ପେମେଣ୍ଟ ଆଜି ନ ଦେବାରୁ କାଲିଠାରୁ ଧାରଣାକୁ ଆହୁରି ତୀବ୍ରତର କରାଯିବା ନେଇ ସ୍ଥିର କରାଯାଇଛି ।ପାରାଦୀପରେ କମ୍ପାନୀ ର ଏହି ଶ୍ରମିକ ଶୋଷଣ ନୀତି ବିରୋଧରେ କର୍ମଚାରୀ ମାନେ ଆଜି ଅତିରିକ୍ତ ଜିଲ୍ଲାପାଳଙ୍କୁ ମଧ ଭେଟି ଆଲୋଚନା କରିଛନ୍ତି । ୬ ମାସ ଧରି ଦରମା ପାଇନାହାନ୍ତି ୨୩ ଜଣ ଶ୍ରମିକ, କମ୍ପାନୀ ଅଧିକାରୀଙ୍କୁ ଏ ନେଇ ମୁହଁ ଖୋଲିଲେ ଚାକିରୀ ରୁ ଛଟେଇ କରିବାର ଧମକ ମିଳୁଛି ।ତେଣୁ ଯେ ପର୍ଯ୍ୟନ୍ତ କମ୍ପାନୀ ଶ୍ରମିକ ମାନଙ୍କୁ ସେମାନଙ୍କ ଦରମା ଦେଇନାହିଁ ସେ ପର୍ଯ୍ୟନ୍ତ ଧାରଣା ରେ ବସିବାକୁ ଚେତାବନୀ ଦେଇଛନ୍ତି ଧାରଣାରତ ଶ୍ରମିକ ।ଆଜିକୁ ସାତଦିନ ଧରି ଶ୍ରମିକମାନେ ଦିନରାତି ପରିବାର ଛାଡି ଶାଗ ପଖାଳ ଖାଇ କମ୍ପାନୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ବେଳେ କମ୍ପାନୀ ଅଧିକାରୀମାନେ କେବଳ ଧମକ ଚମକ ଦେବା ଛଡା ଶ୍ରମିକ ମାନଙ୍କ ସମସ୍ୟା ବୁଝିବାକୁ ଆସୁନାହାନ୍ତି ବୋଲି ଧାରଣାରତ ଶ୍ରମିକ ମାନେ ଅଭିଯୋଗ ଆଣିବା ସହିତ ଯେ ପର୍ଯ୍ୟନ୍ତ ସେମାନଙ୍କୁ ସେମାନଙ୍କ ଦରମା ମିଳିନାହିଁ ସେ ପର୍ଯ୍ୟନ୍ତ ଧାରଣା ରେ ବସି ରହିବାକୁ ଚେତାବନୀ ଦେଇଛନ୍ତି ।

## ମଦ ଗାଡ଼ି ଓଲଟି ହେଲପର ମୃତ

କୁଜଙ୍ଗ,୧୮ ।୨(ସମିସ): ସୋମବାର ବିଳମ୍ବିତ ରାତିରେ ମଦ ବୋଝେଇ ଗାଡ଼ି ଓଲଟି ହେଲପର ମୃତ୍ୟୁବରଣ କରିଥିବା ଜଣାପଡ଼ିଛି । ପ୍ରକାଶ ଯେ, ସୋମବାର ବିଳମ୍ବିତ ରାତ୍ରରେ କୁଜଙ୍ଗ ଥାନା ଅନ୍ତର୍ଗତ କଟକପାରାଦୀପରଜ୍ୟରାଜପଥର କୁଜଙ୍ଗ ଫାର୍ମ ସମ୍ମୁଖରେ ଏକ ମଦ ଗାଡ଼ିର ଯାନ୍ତ୍ରିକ ତ୍ରୁଟି ହେବାରୁ ଗାଡ଼ିଟି ରାସ୍ତାର ବାମ ପାଶ୍ୱର୍ରେ ଠିଆ ହୋଇଥିଲା । ବିଳମ୍ବିତ ରାତିରେ ଏକ ଅଜଣା ହାଇୱା ଉକ୍ତ ଗାଡ଼ିକୁ ଧକ୍କା ଦେବା ଫଳରେ ଗାଡ଼ିଟି ତାଳଦଣ୍ଡା କେନାଲ ପାଶ୍ୱର୍କୁ ଓଲଟି ପଡିଥିଲା । ଫଳରେ ବାମ ପାଶ୍ୱର୍ରେ ଠିଆ ହୋଇଥିବା ହେଲପର ଉପରେ ମଦ ଭର୍ତ୍ତି ଗାଡିଟି ପଡ଼ି ଯାଇଥିଲା । ଘଟଣା ସ୍ଥଳରେ ହେଲପରଙ୍କ ମୃତ୍ୟୁ ହୋଇଥିଲା । ମୃତ ହେଲପର କଟକ ଜିଲ୍ଲା ଟାଙ୍ଗୀ ଅଞ୍ଚଳର ବୋଲି ଜଣାପଡିଛି ।

## ହୃଦାନନ୍ଦଜୀଉ ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ଡେରାବିଶ,୧୮ ।୨(ସମିସ): ଡେରାବିଶ ବ୍ଲକ ନରସିଂହପୁର ପଞ୍ଚାୟତ ଅନ୍ତର୍ଗତ ତିଲଙ୍ଗ କୋଠିଛକ ଠାରେ ହୃଦାନନ୍ଦଜୀଉ ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ହୃଦାନନ୍ଦଜୀଉ କ୍ରିକେଟ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଏହି ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ଜିଲ୍ଲାରୁ ବଛାବଛା ୧୬ ଗୋଟି ଟିମ୍ ଅଂଶଗ୍ରହଣ କରିଥିଲେ । ଏହି ଦୁଇଦିନିଆ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟକ ତଥା ମୁଖ୍ୟ ଅତିଥି ଭାବେ ବରିଷ୍ଠ ବିଜେଡ଼ି ନେତା ରବି ସାମଲ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁଧିର ଖଟୁଆ, ଜିଲ୍ଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ ଯୋଗଦେଇଥିଲେ । ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଇଲେଭେନ୍ ଷ୍ଟାର ତରତ ଏଲଏନ୍ ସ୍ୱାଇଡର ଲକ୍ଷ୍ମୀନାରାୟଣପୁରକୁ ହରାଇଥିଲା । ଶେଷରେ ଅନୁଷ୍ଠିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଡେରାବିଶ ବ୍ଲକର ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ସମ୍ମାନିତ ଅତିଥିଭାବେ ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ରାଜେଶ ଦାସ, ରାଜ୍ୟ ବିଜୁ ଯୁବ ଜନତା ଦଳ ସମ୍ପାଦକ ସୁଦିପ୍ତ ସାମଲ ପ୍ରମୁଖ ଯୋଗଦେଇ ବାଲିଚନ୍ଦ୍ରପୁରର ଓମ୍ ଇଲୋକ୍ଟ୍ରୋନିକ୍ସର ଭତୃହରି ମିଶ୍ରଙ୍କ ପକ୍ଷରୁ ପ୍ରଦତ୍ତ ଚମ୍ପିଆନ୍ ଟ୍ରଫି ଇଲେଭେନ୍‌ଷ୍ଟାର ତରତକୁ ଓ ରନର୍ସ ଟ୍ରଫି ଲକ୍ଷ୍ମୀନାରାୟଣପୁର ଟିମ୍‌କୁ ପ୍ରଦାନ କରିଥିଲେ । ଅମ୍ପାୟାର ଭାବେ ଶୋଭନ ମହାନ୍ତି ଏହି ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ । ଏହାକୁ କ୍ରିକେଟ୍ ଆସୋସିଏସନ୍‌ର ସଭାପତି ବାୟୁନନ୍ଦ ମିଶ୍ର, ସମ୍ପାଦକ ଶ୍ୟାମଳେନ୍ଦୁ ନାୟକ, ବିଚିତ୍ରାନନ୍ଦ କୁଣ୍ଡ, ବିରେନ୍ଦ୍ର ନାୟକ, ପ୍ରମୋଦ ନାୟକ ପ୍ରମୁଖ ପରିଚାଳନା କରିଥିଲେ ।

# ଜେଜେ ମା'ଙ୍କୁ ହତ୍ୟା ଘଟଣାରେ ନାତି ଗିରଫ



କାମାକ୍ଷାନଗର, ୧୮ ।୨(ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ଥାନା କଙ୍କଡ଼ାହାଡ଼ ବାଲିସାହିରେ ସୋମବାର ନାତିର କାଠଫାଳିଆ ମାଡ଼ରେ ଜେଜେ ମା'ର ମୃତ୍ୟୁ ହୋଇଥିଲା । ମୃତକ ହେଲେ ଶ୍ରୀମତୀ ବେୱା (୮୫) । ଏହି ହତ୍ୟାକାଣ୍ଡ ଘଟାଇ ଅଭିଯୁକ୍ତ ନାତି ଲିକୁ ସିଂହ (୩୦) ଫେରାର ହୋଇଯାଇଥିଲା । ସୋମବାର ପୁଲିସ ଲିକୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ୍ ପଠାଇ ଦିଆଯାଇଛି ।

ପୁଲିସ ସୂଚନା ମୁତାବକ, ଲିକୁ ମଦ ପିଇବା ପାଇଁ ସୋମବାର ନିଜ ମା' ଚମ୍ପା ସିଂହ(୫୦)ଙ୍କୁ ଟଙ୍କା ମାଗିଥିଲା । ଟଙ୍କା ନ ଦେବାରୁ ଲିକୁ ତାଙ୍କୁ ମାଡ଼ ମାରିଥିଲା । ଏହା ଦେଖି ଲିକୁର ଜେଜେ ମା' ବିରୋଧ କରିବାରୁ ସେ ଉତକ୍ଷିପ୍ତ ହୋଇ ତାଙ୍କୁ କାଠଫାଳିଆରେ ଆକ୍ରମଣ କରିଥିଲା । ଏପରିକି ତାଙ୍କ ଛାତି ଓ ଅଣ୍ଟାରେ ମାଡ଼ିବସି ନିସ୍ତୁକ ମାଡ଼ ମାରିଥିଲା । ଏହି କାଣ୍ଡ ଘଟାଇ ଲିକୁ ଫେରାର ହୋଇଥିଲା । ଘଟଣାସ୍ଥଳରେ ଜେଜେ ମା'ଙ୍କ ମୃତ୍ୟୁ ହୋଇଥିବା ବେଳେ ମା' ଗୁରୁତର ଆହତ ହୋଇଥିଲେ । ପଡ଼ୋଶୀ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ କାମାକ୍ଷାନଗର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲିକୁକୁ କାବୁ କରିବାରେ ସକ୍ଷମ ହୋଇଥିଲା । ମଙ୍ଗଳବାର କାମାକ୍ଷାନଗର ଏସ୍‌ଡିପିଓ ଜ୍ଞାନରଞ୍ଜନ ମିଶ୍ର, କଙ୍କଡ଼ାହାଡ଼ ଥାନା ଅଧିକାରୀ କଳ୍ପନା ବେହେରା, ଢେଙ୍କାନାଳ ସାଇଣ୍ଟିଫିକ ଟିମ ଅଧିକାରୀ ତପନ କୁମାର ପ୍ରଧାନ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି । ଲିକୁର ମା' ଚମ୍ପା ସିଂହଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରିଛି । ପଚରାଉଚରା ବେଳେ ଲିକୁ ହତ୍ୟାକାଣ୍ଡ ଘଟାଇଥିବା ସ୍ୱୀକାର କରିଥିବା ପୁଲିସ କହିଛି । ଅନ୍ୟପଟେ କାମାକ୍ଷାନଗର ଉପଖଣ୍ଡ ମେଡିକାଲରେ ମୃତ ଶ୍ରୀମତୀ ବେୱାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

# ଗଜମରାରେ ୨୫ତମ ଅଷ୍ଟପ୍ରହର ନାମଯଜ୍ଞ



ଢେଙ୍କାନାଳ, ୧୮ ।୨(ସମିସ): ଢେଙ୍କାନାଳ ସହର ଉପକଣ୍ଠ ଗଜମରା ଗ୍ରାମରେ ୨୫ତମ ଅଷ୍ଟପ୍ରହର ନାମଯଜ୍ଞ ଉପଲକ୍ଷେ ସୋମବାର କଳସଯାତ୍ରା ଅନୁଷ୍ଠିତ ହୋଇଛି । ଗ୍ରାମ ପୁଷ୍କରିଣୀରୁ ପୂଜାର୍ଚ୍ଚନା କରାଯାଇ ସଂକୀର୍ତ୍ତନ ସହ ଗ୍ରାମ ପରିକ୍ରମା କରିଯାଇ କୁଞ୍ଜରେ କଳସ ସ୍ଥାପନ କରାଯାଇଥିଲା । ଅଧିବାସ ପୂଜା ଓ ଅଖଣ୍ଡ ଦ୍ୱୀପ ପ୍ରଜ୍ୱଳନ କରାଯାଇ ବିଭିନ୍ନ ଭୋଗ ଲାଗି କରାଯାଇଥିଲା । ମଙ୍ଗଳବାର ନାମସଂକୀର୍ତ୍ତନ ସହ ହରିହାଟ ଅନୁଷ୍ଠିତ ହୋଇଛି । ବୁଧବାର ବୈଠକ କୀର୍ତ୍ତନ ଓ ନଗରଭ୍ରମଣ ପରେ ଦଧିହାଣ୍ଡି ଭଙ୍ଗାଯାଇ ପୂଜା ସମାପନ ହେବ । ପୂଜକ ବାବା ସନାତନ ଦାସ ପୂଜାକାର୍ଯ୍ୟ ସମ୍ପାଦନ କରୁଛନ୍ତି । ଗ୍ରାମ ସଭାପତି ଶିବରାମ ସ୍ୱାଇଁ, ସମ୍ପାଦକ ବିପିନ ବିହାରୀ ସ୍ୱାଇଁ, କୀର୍ତ୍ତନ ମଣ୍ଡଳୀ ସଭାପତି ଧରଣୀଧର ବେହେରା, ସମ୍ପାଦକ କୃଷ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ସଦାନନ୍ଦ ସ୍ୱାଇଁ, ସଚ୍ଚିଦାନନ୍ଦ ସାମଲ, ସଞ୍ଜୟ ନାୟକ ଓ ମନୋଜ ବେହେରାଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରୁଛନ୍ତି ।

# ଐରା ପରିଚାଳିତ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଗଁଦିଆ, ୧୮ ।୨(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ କରମୂଳ ଐରା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଇଛି । ଅନୁଷ୍ଠାନର ନିର୍ଦ୍ଦେଶକ ଡ. ସୁରେଶ କୁମାର ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଅନୁଷ୍ଠାନର ମୁଖ୍ୟ ପରାମର୍ଶଦାତା ଗୋଲକ ବିହାରୀ ପାଣିଗ୍ରାହୀ, ସମାଜସେବୀ ପ୍ରଦ୍ୟୁମ୍ନ କୁମାର ପଣ୍ଡା, କାର୍ଯ୍ୟାଳୟ ସମ୍ପାଦକ ଚକ୍ରଧର ପାଣିଗ୍ରାହୀ ପ୍ରଧାନ, ଶିକ୍ଷକ ଦ୍ୱାରିକା ପ୍ରସାଦ ମହାନ୍ତି, ରୀତାଞ୍ଜଳି ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ପୂର୍ବରୁ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ । ଉତ୍ତମ ନାଗରିକ ହେଇ ଦେଶ ଓ ଜାତି ନିର୍ମାଣରେ ବ୍ରତୀ ହେବାପାଇଁ ମୁଖ୍ୟଅତିଥି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଶିକ୍ଷକ ପ୍ରଭାତ ତରାଇ, ଶଶିଭୂଷଣ ଶତପଥୀ, ରମାକାନ୍ତ ପଲିତା, କୈଳାସ ଚନ୍ଦ୍ର ନାୟକ, ଶିକ୍ଷୟିତ୍ରୀ ମିନତୀ ମିଶ୍ର, ବନଜା ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥଲେ । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ୧୧ ବର୍ଷ ପରେ ଓଟିପିସିଏଲ୍‌ର ଜମି ଅଧିଗ୍ରହଣ ଟଙ୍କା ଫେରାଇବାକୁ ନିର୍ଦ୍ଦେଶ

# କ୍ଷତିଗ୍ରସ୍ତ ପ୍ରଜାଙ୍କୁ ୧୨ କୋଟି ଫେରାଇବାକୁ ନୋଟିସ୍

ଢେଙ୍କାନାଳ, ୧୮ ।୨(ସମିସ)

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ଅଁଳାବେରେଣୀ ଗ୍ରାମରେ ନିର୍ମାଣାଧୀନ ଓଟିପିସିଏଲ୍‌କୁ ଜମି ଦେଇ କ୍ଷତିପୂରଣ ପାଇବା ପରେ ବର୍ତ୍ତମାନ ଏହି କ୍ଷତିପୂରଣକୁ ନେଇ ଏଜି ଅଡିଟ ଆପତ୍ତି ଉଠାଇବା ସହ ଅଧିକ ଟଙ୍କା ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଛି । ଫଳରେ କ୍ଷତିଗ୍ରସ୍ତ ପ୍ରଜା ଟଙ୍କା କିଭଳି ଫେରାଇବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଅଁଳାବେରେଣୀ ଗ୍ରାମରେ ଓଟିପିସିଏଲ୍ ପକ୍ଷରୁ ୧୭ ହଜାର କୋଟି ଟଙ୍କା ବିନିଯୋଗରେ କାରଖାନା ନିର୍ମାଣ କରାଯାଉଛି । ପ୍ରାୟ ୧୭୬୭ ଏକର ଜମିରେ ଏହି କାରଖାନା ସ୍ଥାପନ କରାଯାଉଥିବା ବେଳେ ୭୪.୩୨ ଏକର ଜମିରେ କାର୍ଯ୍ୟ ଚାଲୁଥିଲା । ଏହି କାରଖାନା କାମାକ୍ଷାନଗର ବ୍ଲକ ଆଲୁଅଝରଣ, ଅଁଳାବେରେଣୀ, ଅନ୍ନପ୍ରତାପପୁର, ବିଜିଡିହ, ଭାଗୀରଥିପୁର ଶାସନ, ଧୋବାବାହାଳୀ, କାଟେଣୀ, କଣ୍ଟାପାଳ, କୁମ୍ପମଯୋଡ଼ି ଏବଂ ମହୁଲପାଳ ଗ୍ରାମ ଜମିରେ ନିର୍ମାଣ ହେଉଛି । କାରଖାନା ନିର୍ମାଣ ହେଲେ ୭ ହଜାର ୨ଶହ ମେଗାୱାଟ ବିଜୁଳି ଉତ୍ପାଦନ ହେବ । ଏଥିପାଇଁ ଓଟିପିସିଏଲ୍ ବ୍ରାହ୍ମଣୀ ନଦୀରୁ ୮୦ କ୍ୟୁବିକ୍ ସେମି ଜଳ ବ୍ୟବହାର କରିବ ଏବଂ କୋଇଲା ପାଇଁ ତାଳଚେର ଟେଣ୍ଟଲୋଇ କୋଇଲା ଖଣିରୁ କୋଇଲା ଆସିବ ବୋଲି ସ୍ଥିର ହୋଇଥିଲା । କାରଖାନା ପାଇଁ ଟାଉନସିପ୍ ନିର୍ମାଣ ହୋଇଥିବାବେଳେ ବିସ୍ଥାପିତମାନଙ୍କ ପାଇଁ ୧୨୨ଟି ଘର ନିର୍ମାଣ ହୋଇଛି । ଜମି ପାଇଁ ଜମିହରା ପ୍ରଜାମାନଙ୍କୁ ସେତେବେଳେ ଆରପିଡିଏସି ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ କ୍ଷତିପୂରଣ ଟଙ୍କା ପ୍ରଦାନ କରାଯାଇଥିଲା । ମାତ୍ର ଦୀର୍ଘ ୧୧ ବର୍ଷ ପରେ ଏହି ଜମି କ୍ଷତିପୂରଣ ନେଇ ଏଜି ତରଫରୁ ଅଡିଟ କରାଯିବା ପରେ ଜମି ବାବଦ ଅଧିକ ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡ଼ିଛି । ଏହାକୁ ନେଇ ଏଜି ଆପତ୍ତି ଉଠାଇବା ସହ ଅଧିକ ଟଙ୍କା ଫେରାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ନପୂର୍ଣ୍ଣାଖମାର ଗ୍ରାମର ସାରଙ୍ଗ ସାହୁଙ୍କୁ ୧୦ଲକ୍ଷ ୬୬ ହଜାର ୩୧୧ଟଙ୍କା ଏବଂ ପଞ୍ଚୁ ସାହୁଙ୍କୁ ୭୪ ଲକ୍ଷ ୪ ହଜାର ୭୪୨ ଟଙ୍କା ଫେରସ୍ତ କରିବାକୁ ତହସିଲଦାର ତଥା ଭୂଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ନୋଟିସ କରାଯାଇଛି । ସେହିପରି ଗ୍ରାମର ଗଙ୍ଗାଧର ସାହୁ, ଧନେଶ୍ୱର ସାହୁ, ବ୍ରଜବନ୍ଧୁ ସାହୁ, ଜମ୍ବେଶ୍ୱର ସାହୁ, ଭାରତ ପ୍ରସାଦ ସାହୁଙ୍କ ସମେତ ଅନ୍ୟମାନେ ପ୍ରାୟ ୧୨ କୋଟି ଟଙ୍କା ଫେରସ୍ତ କରିବାକୁ ନୋଟିସ ହୋଇଛି । ୧୫ ଦିନ ମଧ୍ୟରେ ଟଙ୍କା ଫେରାଇବାକୁ ନୋଟିସରେ ଉଲ୍ଲେଖ ରହିଥିବା ବେଳେ ପ୍ରଜାମାନେ କିଭଳି ଟଙ୍କା ଫେରାଇବେ ତାକୁ ନେଇ ଚିନ୍ତାରେ ପଡ଼ିଛନ୍ତି । ଓଟିପିସିଏଲ୍ ଜମି ପାଇଁ ପୂର୍ବରୁ ଏଭଳି ଦାମ କାହିଁକି ଦେଉଥିଲା ଓ ବର୍ତ୍ତମାନ ଫେରାଇବାକୁ କାହିଁକି ନିର୍ଦ୍ଦେଶ ଦିଆଯାଇଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।




■ ଧାନମଣ୍ଡିରେ ଅବ୍ୟବସ୍ଥା

# ଟୋକନ୍ ଧରି ବସିଛନ୍ତି ଚାଷୀ, ଅଣଚାଷୀ ଧାନ ଦେଇ ପାର୍



ପରଜଙ୍ଗ, ୧୮ ।୨(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ସମବାୟ ସମିତି ଧାନମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଛି । ଧାନ ବିକ୍ରି କରିବାକୁ ନେଇ ଚାଷୀ ହନ୍ତସନ୍ତ ହୋଇଛନ୍ତି । ପ୍ରକୃତ ଚାଷୀ ଟୋକନ ଧରି ଚାହିଁ ବସିଥିବା ବେଳେ ଅଣଚାଷୀ ମଣ୍ଡିରେ ଧାନ ବିକ୍ରି କରିଦେଇଥିବା ଜଣାପଡ଼ିଛି ।

ପରଜଙ୍ଗ ସମବାୟ ସମିତି ଅଧୀନରେ ପରଜଙ୍ଗ, ମୁଣ୍ଡେଇଲୋ, ସରାଙ୍ଗ ପଞ୍ଚାୟତର ଚାଷୀମାନେ ଡିହଡୋଳ ଗ୍ରାମରେ ଥିବା ପରଜଙ୍ଗ ସେବା ସମବାୟ ସମିତି ଧାନମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଜାନୁଆରୀ ୨୧ରୁ ଫେବୃଆରୀ ୧୯ ଯାଏଁ ସରକାର ସମୟସୀମା ଧାର୍ଯ୍ୟ କରିଥିଲେ । ତେବେ ଏହି ଏକ ମାସ ମଧ୍ୟରେ ପ୍ରକୃତ ଚାଷୀଙ୍କ ଧାନ ଉଠିପାରିଲାନାହିଁ । ବୁଧବାର ଶେଷ ତାରିଖ ଥିବାରୁ ୧୭ ତାରିଖ ରାତିରୁ ୧୫ରୁ ୨୦ ଜଣ ଚାଷୀ ୬୦୦ କ୍ୱିଣ୍ଟାଲ ଧାନ ମଣ୍ଡିରେ ଜମା କରିଛନ୍ତି । ବର୍ତ୍ତମାନ ପ୍ରଚଣ୍ଡ ଖରାରେ ଚାଷୀ ଜଗି ବସିଥିବା ବେଳେ ମିଲରଙ୍କର ଦେଖା ନାହିଁ । ଏହି ଧାନକୁ ମା' ସନ୍ତୋଷୀ ମିଲର ଉଠାଇବା କଥା । ଧାନ ଉଠାଇବା ନେଇ ମିଲରଙ୍କୁ ପଚାରିଲେ ସେ ଶ୍ରମିକ ଆସିନାହାନ୍ତି, ଲେବର ଆସିଲେ ଯିବୁ ଆଦି ବାହାନା କରି ସନ୍ଧ୍ୟା ୬ ବାଜିଥିଲେ ମଧ୍ୟ ମିଲରଙ୍କ ଦେଖାଦର୍ଶନ ମିଳି ନ ଥିଲା । ଧାନ ବିକ୍ରିର ଶେଷ ତାରିଖ ଆସନ୍ତାକାଲି ଥିବାବେଳେ କେତେବେଳେ ଯେ ମିଲର ଧାନ କ୍ରୟ କରିବେ ସେ ନେଇ ସନ୍ଦେହ ଉପୁଜିଛି । ପରଜଙ୍ଗ ପଞ୍ଚାୟତ ଜହ୍ନାପଡ଼ା ଓ ଖଣ୍ଡାଳମୁଣ୍ଡା ଗ୍ରାମର ଅଣଚାଷୀ ନାମ ପଞ୍ଜୀକରଣ କରି ଟୋକନ ନେଇ ଶହ ଶହ କ୍ୱିଣ୍ଟାଲ ଧାନ ମିଲରଙ୍କୁ ଦେଇଦେଇଛନ୍ତି । ଏପଟେ ପ୍ରକୃତ ଚାଷୀ ଖରାରେ କିଛି ନ ଖାଇ ନ ପିଇ ସଢ଼ୁଛନ୍ତି । ଟୋକନ ଅବଧି ବୃଦ୍ଧି କରିବା ପାଇଁ ଚାଷୀମାନେ ସରକାରଙ୍କୁ ନିବେଦନ କରିଛନ୍ତି । ଏଥିସହ ଅଣଚାଷୀ ଧାନ ବିକ୍ରି କରିଥିବା ଘଟଣାର ତଦନ୍ତ କରିବାକୁ ଦାବି କରିଛନ୍ତି । ଖାଲି ପରଜଙ୍ଗ ସେବା ସମବାୟ ସମିତି ମଣ୍ଡି ନୁହେଁ, ପ୍ରତ୍ୟେକ ମଣ୍ଡିରେ ପ୍ରକୃତ ଚାଷୀ ଧାନ ଦେବାରେ ସମସ୍ୟା ରହୁଥିବାବେଳେ ଅଣଚାଷୀମାନେ ଧାନ ଦେଉଥିବା ଅଭିଯୋଗ ହେଉଛି । ଏହାର ତଦନ୍ତ କରିବାକୁ ଦାବି ହେଉଛି ।

■ କାମାକ୍ଷାନଗର ଅଞ୍ଚଳ ପାଇଁ ଗୌରବ ଆଣିଲେ ରୁଦ୍ର

# ଜାତୀୟ ବଡିବିଲଡିଂ ପ୍ରତିଯୋଗିତାରେ ହେଲେ ପ୍ରଥମ



କାମାକ୍ଷାନଗର, ୧୮ ।୨(ସମିସ): ଜାତୀୟ ବଡି ବିଲଡିଂ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି କାମାକ୍ଷାନଗର ବ୍ଲକ ବଡ଼ସୁଆଁଳ ଗ୍ରାମର ରୁଦ୍ର ମହାଳିକ । ପୁରୀ ସ୍ୱର୍ଣ୍ଣାଭ ବେଳାଭୂମିରେ ଆୟୋଜିତ ଜାତୀୟସ୍ତରୀୟ ୟୁନିଭର୍ସାଲ ଲିଜେଣ୍ଡ କ୍ଲାସିକ ବଡି ବିଲଡିଂ ପ୍ରତିଯୋଗିତାର ଜୁନିଅର ବିଭାଗରେ ରୁଦ୍ର ତାଙ୍କ ନିଜ ପ୍ରଥମ ପ୍ରୟାସରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଢେଙ୍କାନାଳ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ରୁଦ୍ର ପ୍ରଥମକରି ଏହି ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଏହି ସଫଳତା ହାସଲ କରିଛନ୍ତି । ଡବ୍ଲ୍ୟୁଏଫ୍ଏଫ୍ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଭାରତର ୨୫ ରାଜ୍ୟର ୨୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ । ଆଗକୁ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ରାଜ୍ୟ ତରଫରୁ ପ୍ରତିନିଧିତ୍ୱ କରିବାକୁ ରୁଦ୍ର ଆଗ୍ରହ ରଖିଛନ୍ତି । ରୁଦ୍ରଙ୍କ ଏହି ସଫଳତା ପାଇଁ ପରିବାର ତଥା ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ସରକାରୀ ସ୍ତରରେ ତାଙ୍କୁ ସହାୟତା ପ୍ରଦାନ କରାଗଲେ ଆଗକୁ ରାଜ୍ୟ ପାଇଁ ଅନେକ ଗୌରବ ଆଣିପାରିବେ ବୋଲି କହିଛନ୍ତି ରୁଦ୍ରଙ୍କ ପରିବାର ଲୋକେ ।

# କଇଁଛ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

କାମାକ୍ଷାନଗର, ୧୮ ।୨(ସମିସ): ଢେଙ୍କାନାଳ ବନଖଣ୍ଡ ଜିରାଳ ଫରେଷ୍ଟ ସେକ୍ସନ ରାଙ୍କିଆ ଗ୍ରାମରେ କଇଁଛ ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁମିତ କରଙ୍କ ନିର୍ଦ୍ଦେଶରେ ବନବିଭାଗ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ରାହ୍ମଣୀ ନଦୀ କୂଳରେ ମଧୁର ଜଳରେ ରହୁଥିବା କଇଁଛଗୁଡ଼ିକୁ କିପରି ସୁରକ୍ଷା ଯୋଗାଇବା ସହ ସେମାନେ ଠିକରେ ଅଣ୍ଡାଦାନ କରିପାରିବେ ସେ ନେଇ ସଚେତନ କରାଯାଇଥିଲା । ଢେଙ୍କାନାଳ ବନଖଣ୍ଡର ରାଙ୍କିଆ, ବୁଢ଼ୀବିଲି ଗ୍ରାମ ଅବବାହିକାରେ ପ୍ରବାହିତ ବ୍ରାହ୍ମଣୀ ନଦୀରେ ବର୍ତ୍ତମାନ ବିପୁଳ ପରିମାଣର କଇଁଛ ବସବାସ କରୁଥିବା ବେଳେ ସେମାନଙ୍କ ଅଣ୍ଡାଦାନ ପ୍ରକ୍ରିୟା ଜାରି ରହିଛି । କିପରି ସେହି କଇଁଛଙ୍କୁ ଚୋରା ଚାଲାଣକାରୀ ତଥା ଅନ୍ୟାନ୍ୟ ବିପଦରୁ ସୁରକ୍ଷା ଯୋଗାଇ ଦିଆଯାଇପାରିବ ସେ ନେଇ ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମରେ ଢେଙ୍କାନାଳ ବନଖଣ୍ଡ ଅଧିକାରୀଙ୍କ ସମେତ ଜିଲ୍ଲା ପରିଷଦ ସଦସ୍ୟା ଅବନ୍ତୀ ସେଠୀ, ଗୁନେଇବିଲି ଓ ବୁଢ଼ୀବିଲି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ବନବିଭାଗ କର୍ମଚାରୀ ଓ ସ୍ଥାନୀୟ ଗ୍ରାମବାସୀ ଯୋଗଦେଇଥିଲେ । ଭୁବନ ରେଞ୍ଜର ରାକେଶ ଦଳେଇ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଫରେଷ୍ଟର କବିତା ବିଶ୍ୱାଳ ଓ ସାଥୀମାନେ ସହଯୋଗ କରିଥିଲେ ।

# ରଞ୍ଜାଗୋଳରେ ବ୍ଲକ୍‌ସ୍ତରୀୟ 'ନିପୁଣ ଓଡ଼ିଶା' ମେଳା

ଖଜୁରିଆକଟା, ୧୮ ।୨(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ରଞ୍ଜାଗୋଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଛି । ଶିକ୍ଷାର୍ଥୀମାନେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ହାସଲ କରିବା ପାଇଁ ପ୍ରଥମରୁ ତୃତୀୟ ଶ୍ରେଣୀ ଯାଏଁ ପିଲାଙ୍କ ନିମନ୍ତେ ଏହି କାର୍ଯ୍ୟକ୍ରମ କରଯାଇଥିଲା । ହିନ୍ଦୋଳ ଏବିଇଓ ପ୍ରକାଶ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ ବେହୁରିଆ, ମୁଖ୍ୟବକ୍ତା ଭାବେ ହିନ୍ଦୋଳ ତହସିଲଦାର ଦିଲୀପ ସେଠୀ, ସମ୍ମାନିତ ଅତିଥି ଭାବେ ହିନ୍ଦୋଳ ବିଡିଓ ଡ. କଲ୍ୟାଣ ସୌରଭ ଦାସ, ରଞ୍ଜାଗୋଳ ସରପଞ୍ଚ ରମେଶ ଚନ୍ଦ୍ର ବିଶ୍ୱାଳ, ହିନ୍ଦୋଳ ଏବିଇଓ ସଞ୍ଜୟ କୁମାର ନାୟକ, ସାମ୍ବାଦିକ ପ୍ରଶାନ୍ତ କୁମାର ଜେନାମଣି, ରଞ୍ଜାଗୋଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ଦାସ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ବୁଝାଇଥିଲେ । ଶିକ୍ଷକ ମହେଶ୍ୱର ସାହୁ ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ମେଳାରେ ୩୬ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ପ୍ରାୟ ୧୫୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ବୈଠକ



ଗଁଦିଆ, ୧୮ ।୨(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ପିଙ୍ଗୁଆ କ୍ଲଷ୍ଟରସ୍ତରୀ ଅବସରପ୍ରାପ୍ତ ଶିକ୍ଷକଙ୍କ ବୈଠକ ଅନୁଷ୍ଠିତ ହୋଇଛି । ଖଙ୍କିରା ମା' ତାରିଣୀ ମନ୍ଦିର ପରିସରରେ ଅନୁଷ୍ଠିତ ଏହି ବୈଠକରେ ୨୯ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ । ଖଙ୍କିରା, ଲାଉଲଇ, ପିଙ୍ଗୁଆ, ବେଗା, ଲେଥକା, ରତନପୁର, ସୋଲଗାଡ଼ିଆ, କମାରଶାଳିଆ, ନିହଲପ୍ରସାଦ, ଦଶମାଣ, କରଡ଼ାବଣି ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷକ ଯୋଗଦେଇଥିଲେ । ସ୍ଥାୟୀ ସଭାପତି ହୃଷୀକେଶ ସେନାପତି, ସମ୍ପାଦକ ହେମନ୍ତ କୁମାର ବ୍ରହ୍ମ, ସହସମ୍ପାଦକ ସିଲନପ୍ରଭା ଜେନା, କୋଷାଧକ୍ଷ ବୀରକିଶୋର ନାୟକ, ପରାମର୍ଶଦାତା ହରପ୍ରସାଦ ସେଠୀ, ରବୀନ୍ଦ୍ର ମହାରଣା, ଗୋପାଳ ମହାଳିକ, ଶ୍ରୀକାନ୍ତ ଭୂୟାଁ, ସନ୍ଧ୍ୟାରାଣୀ ସ୍ୱାଇଁ ଓ ଅନଙ୍ଗପ୍ରଭା ସ୍ୱାଇଁ ପ୍ରମୁଖ ଅବସରପ୍ରାପ୍ତ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ପରବର୍ତ୍ତୀ ବୈଠକ ମାର୍ଚ୍ଚରେ ଅନୁଷ୍ଠିତ ହେବ ବୋଲି ହରପ୍ରସାଦ ସେଠୀ ଜଣାଇଛନ୍ତି ।

# ପରଜଙ୍ଗରେ ସ୍ୱଚ୍ଛ ଭାରତ ମିଶନ ଦିଗହରା

ପରଜଙ୍ଗ, ୧୮ ।୨(ସମିସ)



ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକରେ ସ୍ୱଚ୍ଛଭାରତ ମିଶନ ଦିଗହରା ହୋଇପଡ଼ିଛି । ଅଳିଆ ଆବର୍ଜନାରେ ଅଞ୍ଚଳ ପରିପୂର୍ଣ୍ଣ ହୋଇଯାଇଛି । ସ୍ୱଚ୍ଛଭାରତ ମିଶନରେ ପ୍ରତ୍ୟେକ ପରିବାରକୁ ଶୌଚାଳୟ, ଆବର୍ଜନା କୁଣ୍ଡ, ନିର୍ମାଣ କାର୍ଯ୍ୟ ନିମନ୍ତେ ବିପୁଳ ସରକାରୀ ଅର୍ଥ ବ୍ୟୟ କରାଯାଇ ପ୍ରଚାର ପ୍ରସାର ଜୋରଦାର କରାଯାଉଛି । ତେବେ ସ୍ୱଚ୍ଛତା କେବଳ ନଥିପତ୍ରରେ ସୀମିତ ରହିଛି ।

ବାହ୍ୟ ମଳତ୍ୟାଗମୁକ୍ତ ଲକ୍ଷ୍ୟ ନେଇ ପ୍ରତ୍ୟେକ ପରିବାରକୁ ଶୌଚାଳୟ ନିର୍ମାଣ ପାଇଁ ୧୨ ହଜାର ଟଙ୍କା ଲେଖାଏଁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ବେଳେ କିଛି ବିଭାଗୀୟ ଅଧିକାରୀ ଓ ଅସାଧୁ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ହିତାଧିକାରୀଙ୍କ ଆଧାରକାର୍ଡ ବ୍ୟବହାର କରାଯାଇ ତଞ୍ଚକତା ପୂର୍ବକ ଏହି ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି । କେତେକ ପରିବାର ପାଇଁ ପାଇଖାନା ନିର୍ମାଣ ହୋଇଥିଲେ ମଧ୍ୟ ଅତି ନିମ୍ନମାନର କାର୍ଯ୍ୟ ଯୋଗୁଁ ସେଗୁଡ଼ିକ ଭାଙ୍ଗି ନଷ୍ଟ ହେଇଯାଇଛି । ଫଳରେ ଆଜି ବି ଗ୍ରାମାଞ୍ଚଳ ଲୋକେ ବାହାରେ ମଳତ୍ୟାଗ କରୁଥିବା ଦେଖିବାକୁ ମିଳୁଛି । ସେହିପରି ପ୍ରତ୍ୟେକ ସାହି, ୱାର୍ଡରେ ଆବର୍ଜନା କୁଣ୍ଡ, ଆବର୍ଜନା ଗଦା ଗୃହ ନିର୍ମାଣ କାର୍ଯ୍ୟ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ ହୋଇଥିବା ବେଳେ ନିମ୍ନମାନର କାର୍ଯ୍ୟ ଯୋଗୁଁ କେଉଁଠି ଛାତ ଭାଙ୍ଗିଯାଇଛି ତ କେଉଁଠି ତଦାରଖ ଓ ସଚେତନତା ଅଭାବରୁ ଆବର୍ଜନା ରାସ୍ତା କଡ଼ରେ ଗଦାହୋଇ ଦୁର୍ଗନ୍ଧ ବାହାରୁଥିବା ଦେଖିବାକୁ ମିଳିଛି । ପରଜଙ୍ଗ ବ୍ଲକ ଗଡ଼ପରଜଙ୍ଗ ପଞ୍ଚାୟତ ବୃନ୍ଦାବନପୁର ସାହି ପୂର୍ତ୍ତ ବିଭାଗ ରାସ୍ତା କଡ଼ରେ ନିର୍ମାଣ ହୋଇଥିବା ଆବର୍ଜନା ଗୃହରେ ତାଲା ପଡ଼ିଥିବା ବେଳେ କୁଢ଼ କୁଢ଼ ଆବର୍ଜନା ରାସ୍ତା ପାର୍ଶ୍ୱରେ ଗଦା ହୋଇ ରହିଛି । ଫଳରେ ଦୁର୍ଗନ୍ଧରେ ସେହି ରାସ୍ତା ଦେଇ ଯାତାୟାତ କରୁଥିବା ଲୋକଙ୍କ ନାକ ଫାଟୁଛି । ପ୍ରତ୍ୟେକ ଦିନ ଚଳପ୍ରଚଳ କରୁଥିବା ହଜାର ହଜାର ପଥଚାରୀ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ବ୍ଲକର ଅନେକ ପଞ୍ଚାୟତରେ ସ୍ୱଚ୍ଛଭାରତ ମିଶନ ଯୋଜନାରେ ଆର୍ଥିକ ଅନିୟମିତତା ହୋଇଛି । ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

■ ନାସେର ଅହମ୍ମଦ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ୨-୦ ଗୋଲରେ ଖୁଣ୍ଟକଟା ବିଜୟୀ

ଢେଙ୍କାନାଳ, ୧୮ ।୨(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଗୁଣ୍ଡିଚାପଡ଼ା ଫୁଟବଲ ପଡ଼ିଆରେ ମଙ୍ଗଳବାର ୪ର୍ଥ ନାସେର ଅହମ୍ମଦ ସ୍ମାରକୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି । ଏଥିରେ ୮ ଦଳ ଅଂଶଗ୍ରହଣ କରିଛନ୍ତି । ୨୪ ତାରିଖ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହେବ ବୋଲି ଜଣାପଡ଼ିଛି । ଉଦଘାଟନୀ ସମାରୋହରେ ଗୁଣ୍ଡିଚାପଡ଼ା ଗ୍ରାମର ପୂର୍ବତନ ସଭାପତି ମିନକେତନ ସାହୁ, ଗୁଣ୍ଡିଚାପଡ଼ା ସାରଳା କ୍ଲବର କୋଚ୍ ତଥା ପୂର୍ବତନ ଖେଳାଳି ମହିଉଦ୍ଦିନ ଖାଁ ଯୋଗଦେଇଥିଲେ । ଉଦଘାଟନୀ ମ୍ୟାଚ ସାରଳା କ୍ଲବ୍ ଏବଂ ଖୁଣ୍ଟକଟା ସ୍ପୋର୍ଟସ କ୍ଲବ୍ ମଧ୍ୟରେ ହୋଇଥିଲା । ଖୁଣ୍ଟକଟା ୨-୦ ଗୋଲରେ ବିଜୟୀ ହୋଇଛି । ଖେଳର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା । ଦ୍ୱିତୀୟାର୍ଦ୍ଧରେ ଖୁଣ୍ଟକଟା ଦଳ ଘନଘନ ଆକ୍ରମଣ କରି ୨ଟି ଗୋଲ ସ୍କୋର କରି ବିଜୟୀ ହୋଇଛି । ରେଫରୀ ଅନିଲ ନନ୍ଦ ମ୍ୟାଚ ପରିଚାଳନା କରିଥିବା ବେଳେ ଅମୂଲ୍ୟ ସାମଲ ଓ ମନୋଜ ସେଠୀ ତାଙ୍କୁ ସହଯୋଗ କରିଥିଲେ ।



